## ସଂକ୍ଷେପରେ

### ନୂଆପଡ଼ାରେ ପୁଣି ବାଘ ଆତଙ୍କ



ନୂଆପଡ଼ା,୧୫।୧୨(ମକାରୁ ବେମାଲ)

ନୂଆପଡା ଜିଲାରେ ପୁଣି ବାଘ ଆତଙ୍କ ଦେଖାଦେଇଛି। କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ଗଡଗଡା ଘାଟିରେ କାର୍‌ରେ କେତେଜଣ ଲୋକ ମା' ସୁନାଦେଈଙ୍କ ଦର୍ଶନ କରି ପାହାଡ ତଳକୁ ଆସୁଥିବା ସମୟରେ ଏକ କଲରାପତରିଆ ବାଘ କାର୍ ପାଖକୁ ଚାଲି ଆସିଥିଲା। ଭୟରେ କାର ଚାଳକ ଗାଡ଼ି ଅଟକାଇ କାଚ ବନ୍ଦ କରି ଚୁପ ହୋଇ ବସି ଯାଇଥିଲେ। ବାଘ ଚାଲି ଗଲା ପରେ ପୁଣି ସାହସର ସହିତ ପାହାଡ ତଳକୁ ଆସିଥିଲେ। ସେହି ସମୟରେ ଗାଡ଼ି ଭିତରେ ବସିଥିବା ଲୋକ ବାଘର ଭିଡିଓ ମୋବାଇଲରେ ଉତ୍ତୋଳନ କରି ସୋସିଆଲ ମିଡିଆରେ ଛାଡିଛନ୍ତି। ବର୍ତ୍ତମାନ ବାଘର ଭିଡିଓ ଏ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଛି। ଏହି ଦେଖିଲା ପରେ ଲୋକେ ଆତଙ୍କିତ ହୋଇ ପଡିଛନ୍ତି।

### ସାମାଜିକ କର୍ମୀ ସ୍ୱର୍ଗତ ଶଙ୍କରଲାଲ ଜୈନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



କେସିଙ୍ଗା,୧୫।୧୨(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ମାନବ ସେବା ଟ୍ରଷ୍ଟ ପ୍ରତିଷ୍ଠାତା ସ୍ୱର୍ଗତ ଶଙ୍କର ଲାଲ ଜୈନଙ୍କ ପ୍ରତିମୂର୍ତ୍ତି ସ୍ଥାନୀୟ ଜୈନ ଫର୍ନିଚର ପାଖରେ ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡ. ହେମ ସାଗର ସାହା ଓ ସ୍ୱର୍ଗତ ଶଙ୍କର ଲାଲ ଜୈନଙ୍କ ପତ୍ନୀ ପ୍ରଶନ୍ନା ଜୈନ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପ୍ରକାଶ ଥାଉ କି ସ୍ଥାନୀୟ ମାନବ ସେବା ଟ୍ରଷ୍ଟ ଅଞ୍ଚଳର ଗରିବ, ବାସହୀନ ପରିବାରକୁ ଘରକୁ ଯାଇ ତାଙ୍କ ନିତିଦିନିଆ ଜୀବନରେ ଆସୁଥିବା ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ସ୍ୱର୍ଗତ ଶଙ୍କର ଲାଲ ଜୈନଙ୍କ ପରଲୋକ ପରେ ତାଙ୍କ ପୁତ୍ର ସଚିନ ଜୈନ ମାନବ ସେବା ଟ୍ରଷ୍ଟ ଚାଳାଉଛନ୍ତି ଓ ଲୋକଙ୍କ ସେବାରେ ସାହାଯ୍ୟ ସହଯୋଗ କରି ଆସୁଛନ୍ତି।

### ଧାନ ବୋଝେଇ ଟ୍ରକ୍ ସହ ଡ୍ରାଇଭର ଅଟକ



କୋକସରା,୧୫।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ଉପଖଣ୍ଡ ଜୟପାଟଣା, କୋକସରା, କଲମପୁର, ଧର୍ମଗଡ଼ ବ୍ଲକ ଅଞ୍ଚଳରୁ ପଡୋଶୀ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶକୁ ଧାନ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଶୁକ୍ରବାର କଳାହାଣ୍ଡି ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ଧର୍ମଗଡ଼ ଉପଖଣ୍ଡ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଜାତୀୟ ରାଜପଥ ୨୬ ମୋଟେର ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ (ନଂ.ଓଡି୦୮ଇ୦୮୫୮)ରେ ଧାନ ବୋଝେଇ ହୋଇ ଯାଉଥିବା ବେଳେ ଯୋଗାଣ ବିଭାଗ ଅଧିକାରୀ ଅଟକାଇ କାଗଜପତ୍ର ଯାଞ୍ଚ ସମୟରେ ଏହା ଚୋରା ଚାଲାଣ ହେଉଥିବା ସ୍ପଷ୍ଟ ହୋଇଥିଲା। ଯୋଗାଣ ବିଭାଗ ପକ୍ଷରୁ ଟ୍ରକ ଓ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିବା ବେଳେ ପ୍ରସାଦ ସିଡ୍ସର ଟ୍ରକରେ ୧୦୪.୮୦ କୁଇଣ୍ଟାଲ ଧାନ ରହିଛି। ଚଢ଼ାଉରେ କଳାହାଣ୍ଡି ଯୋଗାଣ ଅଧିକାରୀ ମନୋଜ ଦାସ, ଉପଖଣ୍ଡ ଯୋଗାଣ ଅଧିକାରୀ ଦୁର୍ଗା ପ୍ରସାଦ ମାଝି, ବ୍ଲକ ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ଜୟପାଟଣା ବ୍ଲକ ଯୋଗାଣ ଅଧିକାରୀ ପ୍ରିୟ ରଞ୍ଜନ ନାଏକ, ଧର୍ମଗଡ଼ ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ ଦାସ ସାମିଲ ରହିଥିଲେ। ତଦନ୍ତ ପରେ ସବିଶେଷ ତଥ୍ୟ ଜଣାପଡିବ ବୋଲି ଅଧିକାରୀମାନେ କହିଛନ୍ତି।

# ଭାଗନେଲେ ୨୬୭୫ ନିଯୁକ୍ତି ଆଶାୟୀ

ଭବାନୀପାଟଣା,୧୫।୧୨(ଉତ୍ତମ କୁମାର ଦାଶ)



ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଉଛି।

**ଜିଲାସ୍ତରୀୟ ବାର୍ଷିକ ନିଯୁକ୍ତି ମେଳା**

**■୧୦ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଡିଆଇଇଟି ସ୍କୁଲ ପଡିଆରେ ଶୁକ୍ରବାର ଜିଲାସ୍ତରୀୟ ବାର୍ଷିକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଆନୁକୂଲ୍ୟରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଚିନ ପାୱାର ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ।

ନିଯୁକ୍ତି ମେଳାରେ ୨୮ଟି ନିଯୁକ୍ତିଦାତା ସଂସ୍ଥା ଓ ୧୦ଟି ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଯୋଗଦେଇଥିଲେ। ମେଳାରେ ୨୬୭୫ଜଣ ନିଯୁକ୍ତି ଆଶାୟୀ ଯୁବତୀଯୁବକ ଭାଗ ନେଇଥିଲେ ଓ ୧୦୪୫ଜଣ ବିଭିନ୍ନ ସଂସ୍ଥା ସହିତ ସହବନ୍ଧିତ ହୋଇଥିଲେ। ନିଯୁକ୍ତି ମେଳାରେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥି, ଯୁବ କଲ୍ୟାଣ ଅଧିକାରୀ ମଧୁଲିକା ସା ପ୍ରମୁଖ ଯୁବକ ଯୁବତୀମାନଙ୍କୁ ଏହି ସୁଯୋଗର ଫାଇଦା ନେବା ପାଇଁ ପରାମର୍ଶ ଦେଇଥିଲେ। ନିଯୁକ୍ତି ମେଳାରେ ୟୋକହାମା ଟାୟାର, ବିଶାଖାପାଟଣା, ହେଟେରୋ ଲାବ, ରିଲିଆନ୍ସ ଜିଓ, ପିଆଜିଓ ଅଟୋମୋବିଲ, ମୁଥୁତ ଫାଇନାନ୍ସ, ଏଲଏଣ୍ଡଟି ଆଦି ୨୯ଟି କମ୍ପାନୀ ଭାଗ ନେଇଥିଲେ। ତାଲିମ ଭିତ୍ତିକ ସଂସ୍ଥା ମଧ୍ୟରେ ବେଦାନ୍ତ, ଶାହୀ ଏକ୍ସପୋର୍ଟ, ସିଟିସିସି, ଡାଟା ପ୍ରୋ ଭଳି ୧୦ଟି ସଂସ୍ଥା ଯୋଗଦେଇଥିଲେ। ଜିଲା ଦକ୍ଷତା ବିକାଶ ଅଧିକାରୀ ଅଜିତ କୁମାର ଉତ୍ତରାୟ ପରିଚାଳନା କରିଥିବା ବେଳେ ଜିଲା ସୂଚନା ଅଧିକାରୀ ମନୋଜ କୁମାର ବେହେରା, ଡେପୁଟି ସିଇଓ ଓର୍ମାସ ଜଜ୍ କେର୍କେଟା, ଶିଶୁ ସୁରକ୍ଷା ଅଧିକାରୀ ଅଂଶୁମାନ ବାବୁ, ଜିଲା ନିୟୋଜନ କାର୍ଯ୍ୟାଳୟ ଅମ୍ବୁଜ ତିୱାରୀ, ଭବାନୀପାଟଣା ସରକାରୀ ଆଇଟିଆଇ ସରୋଜ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦକ୍ଷତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୦ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

# ମଧ୍ୟାହ୍ନଭୋଜନରେ ପୋକ

ନୂଆପଡ଼ା,୧୫।୧୨(ମକାରୁ ବେମାଲ)

**ଧରମବନ୍ଧା ପ୍ରାଥମିକ ବିଦ୍ୟାଳୟ**

**■ଛାତ୍ରୀଛାତ୍ର ନ ଖାଇ ଫିଙ୍ଗିଲେ**

ମଧ୍ୟାହ୍ନଭୋଜନରେ ଛାତ୍ରୀଛାତ୍ରଙ୍କୁ ସୁଷମ ଖାଦ୍ୟ ଯୋଗାଇଦେବା ଲାଗି ନିୟମ ରହିଛି। ହେଲେ ନୂଆପଡା ସଦର ବ୍ଲକ ଧରମବନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋକ ବାହାରି ଥିବା ଦେଖିବାକୁ ମିଳିଛି। ଫଳରେ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ନ ଖାଇ ଫିଙ୍ଗି ଦେଇଥିବା ଜଣାପଡ଼ିଛି।

ସୂଚନା ଯେ, ଧରମବନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମଧ୍ୟାହ୍ନଭୋଜନ ଉପରେ ଶିକ୍ଷକମାନେ ଦାୟିତ୍ୱ ହୀନତା କାର୍ଯ୍ୟ କରୁଥିବାରୁ ଅନେକ ସମୟରେ ଏଭଳି ଘଟଣା ଘଟୁଛି। ବିଦ୍ୟାଳୟରେ ଥିବା ପାଣି ଟାଙ୍କି ସଫା କରାଯାଉ ନ ଥିବାରୁ ପାଣି ସବୁ ମଇଳା ଓ ଦୁର୍ଗନ୍ଧ ହେଉଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଛାତ୍ରୀଛାତ୍ର ସ୍ଥାନୀୟ ସରପଞ୍ଚ ଭୁନେଶ୍ୱରୀ ଦଣ୍ଡସେନାଙ୍କ ପାଖକୁ ପୋକରା ଭାତ, ଡାଲି ଓ ଦୁର୍ଗନ୍ଧ ପାଣି ଧରି ଅଭିଯୋଗ କରିବା ପାଇଁ ଯାଇଥିଲେ। ସରପଞ୍ଚ ଅନ୍ୟ କୌଣସି କାର୍ଯ୍ୟରେ ଯାଇଥିବାରୁ ଫୋନ ଯୋଗେ କଥା ହୋଇଛନ୍ତି। ଶନିବାର ଉପରିସ୍ଥ ଅଧିକାରୀଙ୍କୁ ଡାକି ଏହାର ତଦନ୍ତ କରାଯିବ, ଅବହେଳାକାରୀ ଶିକ୍ଷକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିବି ବୋଲି କହିଛନ୍ତି। ସ୍କୁଲ ସଭାପତି ମହେଶ ସାହୁ ବିଦ୍ୟାଳୟକୁ ଯାଇ ଘଟଣା ସବୁ ପିଲାଙ୍କଠାରୁ ବୁଝି ଥିଲେ। ଘଟଣା ସମ୍ପର୍କରେ ସିଆରସିସି, ନୂଆପଡା ବିଇଓଙ୍କଠାରେ ଲିଖିତ ଭାବେ ଜଣାଇଛୁ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ହେମ ସାଗର ମହାନନ୍ଦଙ୍କୁ ପଚାରିବାରୁ ପାଣି ଓ ମଧ୍ୟାହ୍ନଭୋଜନ ଉପରେ ଅଭିଯୋଗ ଆସିଛି। ଯେଉଁ ମହିଳା ଗୋଷ୍ଠୀ ଏଗ୍ରିମେଣ୍ଟ କରି ମଧ୍ୟାହ୍ନଭୋଜନ ରୋଷେଇ ପାଇଁ ନେଇଛନ୍ତି, ସେମାନେ ବିଦ୍ୟାଳୟକୁ ଆସୁନାହାନ୍ତି। ପିଲା ସଂଖ୍ୟା ଗଣି ଚାଉଳ, ଡାଲି ପଠାଇ ଦେଉଛନ୍ତି। ଭଲ ଭାବେ ସଫା କରୁ ନାହାନ୍ତି। ସେହି ମହିଳା ଗୋଷ୍ଠୀର ଏଗ୍ରିମେଣ୍ଟ ରଦ୍ଦ କରି ଦିଆଯିବ ବୋଲି ସେ କହିଥିଲେ।

# ଜମି ହଡ଼ପ ଅଭିଯୋଗରେ ଧାରଣା

ନୂଆପଡ଼ା,୧୫।୧୨(ମକାରୁ ବେମାଲ)



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ଲୋକେ ଧାରଣାରେ ବସିଛନ୍ତି।

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ଚଟିଆଗୁଡା ପଞ୍ଚାୟତ ମହୁଲପଡା ଗାଁର ଜଣେ ମୃତ ଚାଷୀଙ୍କ ଜମି ହଡ଼ପ ହୋଇଛି। ଏହି ଅଭିଯୋଗ ନେଇ ଶୁକ୍ରବାର ଜିଲାପାଳ କାର୍ଯ୍ୟାଳୟଠାରେ ପରିବାର ଲୋକ ଧାରଣାରେ ବସିଛନ୍ତି। ମହୁଲପଡା ଗାଁର ଦଶରଥ ହଂସଙ୍କ ୫.୫୯ ଡେସମିଲ ଜମି ଗାଁର ଅନ୍ୟ ଜଣେ ଲୋକ ନିଜ ନାମରେ ପଟ୍ଟା କରି ନେଇ ଯାଇଥିବା ଅଭିଯୋଗ ହୋଇଛି। ଦଶରଥ ଜୀବିତ ଥିବା ପର୍ଯ୍ୟନ୍ତ ସବୁ ଠିକ ଥିଲା। ନିଜେ ଚାଷ କରି ଜମି ଖଜଣା ମଧ୍ୟ ଦେଉଥିଲେ। ୨୦୦୫ରେ ଦଶରଥଙ୍କ ମୃତ୍ୟୁ ପରେ ଗାଁ ଜଣେ ବ୍ୟକ୍ତି ଜମିକୁ ନିଜ ନାମରେ ପଟ୍ଟା କରାଇ ଜୋରଜବରଦସ୍ତ ଚାଷ କରୁଛନ୍ତି। ଦଶରଥଙ୍କ ମୃତ୍ୟୁ ପରେ ଜମି ସବୁ ପୁତ୍ର ସଞ୍ଜୟ କିମ୍ବା ସ୍ତ୍ରୀ କମଲେଙ୍କ ନାମରେ ହେବା କଥା ନ ହେଲେ ତାଙ୍କ ଉତରାଧିକାରୀଙ୍କ ନାମରେ ଜମି ପଟ୍ଟା ହେବାର ନିୟମ ରହିଛି। କିନ୍ତୁ ଗାଁ ଜଣେ ବ୍ୟକ୍ତି ମୌକାର ଫାଇଦା ଉଠାଇ ନେଇଛନ୍ତି। ୨୦୦୭ରେ କିଛି ଜମି ପଟ୍ଟା ହୋଇଥିବା ବେଳେ କିଛି ଜମି ୨୦୦୮ ଓ ୨୦୦୯ରେ ପଟ୍ଟା ହୋଇ ମୋଟ ୫.୫୯ ଡେସମିଲ ଜମି ନିଜ ଅଧିନକୁ ନେଇଯାଇଛି। ପରିବାର ଲୋକ ଅନେକ ଥର ଜିଲାପାଳ, ବୋଡେନ ତହସିଲଦାର, ବିଡିଓ, ଆରଆଇଙ୍କୁ ଲିଖିତ ଭାବେ ଜଣାଇଥିଲେ। କୌଣସି ସୁଫଳ ମିଳି ନ ଥିବାରୁ ବାଧହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ଲୋକେ ଧାରଣାରେ ବସିଛନ୍ତି। ଯେଉଁ ଦିନ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ନ ହୋଇଛି, ସେହି ଦିନ ଯାଏ ଧାରଣାରେ ବସିବୁ ବୋଲି ଧାରଣାକାରୀ କମଲେ ହଂସ ପ୍ରକାଶ କରିଛନ୍ତି। ତାଙ୍କ ସହିତ ସଞ୍ଜୟ ହଂସ, ରମଣୀ ବନଛୋର, ସ୍ୱାମନି ଖର୍ସେଲ, ବେଲ କୋକ ଧାରଣାରେ ବସିଥିବା ବେଳେ ସାମାଜିକ କର୍ମୀ ପ୍ରେମାନନ୍ଦ ମାଝି, ମାଧବ ମାଝି ପ୍ରମୁଖ ସମର୍ଥନ ଜଣାଇଛନ୍ତି।

### ଭାଲୁ ଚଲାପଥ ନେଇ ସତର୍କ ସୂଚନା ଫଳକ ଲାଗିଲା

କୋକସରା,୧୫।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ରେଞ୍ଜ ଅଧୀନ କୋକସରା ବ୍ଲକ ଆମପାଣି ଫରେଷ୍ଟ ସେକ୍ସନ ସାହାଜଖୋଲ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ଭାଲୁ ଉପଦ୍ରବ ବୃଦ୍ଧି ପାଉଛି। ଗତ କିଛି ମାସ ମଧ୍ୟରେ ବରାଡଙ୍ଗା ପଞ୍ଚାୟତର ୨ଜଣ ଭାଲୁ ଆକ୍ରମଣରେ ମୃତ୍ୟୁମୁଖରେ ପଡିଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି। ଜଙ୍ଗଲ ନିକଟବର୍ତ୍ତୀ ବରାଡଙ୍ଗା, ପାତ୍ରବସା, କନ୍ଦାଗଡ଼, ନୂଆଗାଁ, ଝୁଲେନବର, ଆମପାଣି ଘାଟି ଅଞ୍ଚଳରେ ଥିବା ଗ୍ରାମବାସୀଙ୍କୁ ସତର୍କ ଓ ସଚେତନ କରିବାକୁ ଆମପାଣି ଫରେଷ୍ଟ ପକ୍ଷରୁ ବିଭିନ୍ନ ଜନବସତି ସ୍ଥାନରେ ବୋର୍ଡ ଲଗାଇ ସୁଚିତ କରାଯାଇଛି। ଆମପାଣି ଫରେଷ୍ଟ ଗାର୍ଡ ନାରାୟଣ ନାଗ, ମହେଶ ମହାପାତ୍ର ଓ ପାରା କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ସତର୍କ ଫଳକ ଲଗାଇ ଲୋକଙ୍କୁ ସଚେତନ କରିଛନ୍ତି।

# ବାର୍ଷିକ ଉତ୍ସବ ଉଦ୍‌ଯାପିତ




ବାର୍ଷିବ ଉତ୍ସବରେ ମଞ୍ଚାସୀନ ଅତିଥି।

ଥୁଆମୂଳ ରାମପୁର,୧୫।୧୨(ଦୁର୍ଗା କୀର୍ତ୍ତି)

**ଗୋପାଳପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୋପାଳପୁରସ୍ଥିତ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ସହ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭାରତ ନାଏକ ଏବଂ ଭାରପ୍ରପ୍ତ ଅଧ୍ୟକ୍ଷ ନବୀନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି, ମୁଖ୍ୟବକ୍ତା ଭାବେ ଏମ.ଏମ.ପି.ଏସ କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ଭାବେ ବିଡିଓ ଧ୍ରୁବ ଚରଣ ମୁଦୁଲି, ପିଏଆଇଟିଡିଏ ଥୁଆମୂଳ ରାମପୁର, ଏସସିଓ ଥୁଆମୂଳ ରାମପୁର ପ୍ରମୁଖ ମଞ୍ଚାସୀନ ରହିଥିଲେ। ବାର୍ଷିକ ଉତ୍ସବରେ ଶିକ୍ଷକ ଜଗଦୀଶ ଶବର, ଶିକ୍ଷକ ସମୀର ରଞ୍ଜନ ସାହୁ ଓ କାଶୀନାଥ ଭୋଇ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଜୟସଙ୍କର ମାହାର ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ଶିକ୍ଷକ ଟଙ୍କଧର ଧଙ୍ଗଡା ମାଝି, କଳା ଶିକ୍ଷକ ଜୟସଙ୍କର ମାହାର, ଶିକ୍ଷକ ଚାଞ୍ଚଲ୍ୟ ବାଗ, ବିଜ୍ଞାନ ଶିକ୍ଷକ ମିତ୍ରଭାନୁ ନାଏକ, ହିମାଚଳ ପୂଝାରୀ, ମୌସୁମୀ ଦାସ, ଚିନ୍ତାମଣି ଗଡଟିଆ, ଫିଜିକ୍ସ ଶିକ୍ଷକ ଲିଙ୍ଗରାଜ ଖମାରୀ, ମେଥ ଶିକ୍ଷକ ରାଜକିଶୋର ଜେନା, ମଞ୍ଜୁଲତା ନାଏକ, ସରିକା ମଞ୍ଜରୀ ଦୁର୍ଗା, ଲକ୍ଷ୍ମୀପ୍ରିୟା ନାଏକ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ: ୬୩ ପ୍ରକଳ୍ପ ପ୍ରଦର୍ଶିତ

ଭବାନୀପାଟଣା,୧୫।୧୨(ଉତ୍ତମ କୁମାର ଦାଶ)



ଅତିରିକ୍ତ ଜିଲାପାଳ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟନ କରୁଛନ୍ତି।

କଳାହାଣ୍ଡି ଜିଲା ଭବାନୀପାଟଣା ସହର ପୋଲିସ ହାଇସ୍କୁଲରେ ଶୁକ୍ରବାର ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ମାର୍ଗଦର୍ଶନରେ ଉଦଘାଟନୀରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଆୟୋଜକ ସମ୍ପାଦକ ଜୟରାମ ସାହୁ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଶୃତି ସିଲଭା ପଣ୍ଡା ଓ ବର୍ଷାରାଣୀ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଜିଲାର ୧୩ଟି ବ୍ଲକରୁ ବୈଜ୍ଞାନିକମାନଙ୍କ ଦ୍ୱାରା ମନୋନୀତ ୬୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଅଧ୍ୟାପକ ତ୍ରିନାଥ ବିଷୋୟୀ, ଭି. ସୁରେନ୍ଦ୍ରନାଥ ରାଓ, ଅଟଳବିହାରୀ ନାୟକ, ରୁଦ୍ରମାଧବ ନାଗ ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ କୁଇଜ ପ୍ରତିଯୋଗିତାରେ ସମଗ୍ର ଜିଲାର ୧୩୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କୁଇଜ ମାଷ୍ଟର ଭାବେ ଶୁଭେନ୍ଦୁ ଶେଖର ବେହେରା, ପ୍ରକାଶ ମିଶ୍ର, ଶ୍ରୀନିବାସ ସେନାପତି, ବିଜୟାନନ୍ଦ ହୋତା, ସୋମନାଥ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ସାଜିଥିଲା ପ୍ରକୃତି ବନ୍ଧୁ ରବୀନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ଲୋକଖେଳ ଓ ବିଜ୍ଞାନ ଆଧାରିତ ବାଲୁକା କଳା। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ୧୧ଟି ବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହାକୁ ପରିଚାଳନା କରିଥିଲେ ଶିକ୍ଷକ ରବି କାନୁନଗୋ, ମଙ୍ଗୁଲୁ ପ୍ରଧାନ ଓ ଦୀପ୍ତିମୟୀ ସିଂ। ବିଜ୍ଞାନ ସମ୍ପର୍କିତ ଯାଦୁକାରୀ ପ୍ରଦର୍ଶନ ଦେଖେଇଥିଲେ ଶିକ୍ଷକ ସନ୍ତୋଷ କର, ବିରେନ୍ଦ୍ର ଆଚାର୍ଯ୍ୟ ଓ ନିରୋଜ ସାହୁ। ବୋର୍ଡା ଜନତା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରକାଶ ନିଶଙ୍କ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶଗଡା ହାଇସ୍କଲ ପ୍ରଧାନ ଶିକ୍ଷକ ସୁକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଦର୍ଶନୀ କମିଟି ସମସ୍ତ ସଦସ୍ୟ ତଥା ପୋଲିସ ହାଇସ୍କୁଲ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

# ଫାଇନାଲ ଡୁଲାପଡ଼ା-ବୌଦ୍ଧ ମୁକାବିଲା

କର୍ଲାମୁଣ୍ଡା,୧୫।୧୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଫୁଟିଗାଁସ୍ଥିତ ଚିନାବାଡ଼ି ପଡିଆଠାରେ ଚାଲିଥିବା ଚତୁର୍ଥ କର୍ଲାମୁଣ୍ଡା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଡୁଲାପଡ଼ା ବିଜୟୀ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ପ୍ରଥମ ସେମିଫାଇନାଲରେ ବିଜୟୀ ବୌଦ୍ଧ ସହିତ ଡୁଲାପଡ଼ା ମଧ୍ୟରେ ମୁକାବିଲ ହେବ। ଦ୍ୱିତୀୟ ସେମିଫାଇନାଲ ଡୁଲାପଡା ଓ ପାଟଣାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡୁଲାପଡା ଦଳ ୨-୦ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଅବିନାଶ ଠାକୁର, ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚରିତା ମୁଗ୍ରୀ, ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ସଦସ୍ୟ ମହେନ୍ଦ୍ର ରଣା, ଫୁଟବଲ ଟୁର୍ନାମେଣ୍ଟ ସଭାପତି ଡୋଲାମଣୀ ଭୋଇ, ସମ୍ପାଦକ ଦୁର୍ଲ୍ଲଭ ମେହେର, କର୍ଲାମୁଣ୍ଡା ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ଚଞ୍ଚଳ ମାଝି, ବୁଲୁ ମାଝି, ବିଶେଶ୍ୱର ପଧାନ ଖେଳ ପରିଚାଳନା କରିଥିଲେ।

# ମିଳିତ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଖଡ଼ିଆଳ,୧୫।୧୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରୁଦ୍ର ପଦ୍ମିନୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚିନ୍ଦାଗୁଡାର ମିଳିତ ଆନୁକୂଲ୍ୟରେ ବାର୍ଷିକ କ୍ରୀଡା ସମାରୋହ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ରୁଦ୍ର ପଦ୍ମିନୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡ. ସୁଶାନ୍ତ କୁମାର ବିଶିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ତଥା ଉଦଘାଟକ ଭାବେ ଚିନ୍ଦାଗୁଡା ସରପଞ୍ଚ ଜେମାମଣି ରଣା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ବିଶି, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଦୟାନିଧି ଚଲାନ ଯୋଗଦେଇଥିଲେ। ଏହାପରେ ପ୍ରଧାନ ଶିକ୍ଷକ ଉଚ୍ଚ ବିଦ୍ୟାଳୟ ପତାକା ଉତ୍ତୋଳନ କରିଥିଲେ। ସ୍କୁଲ ବରିଷ୍ଠ ଶିକ୍ଷକ ହିମାଂଶୁ ପୋଡ଼ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିବାବେଳେ ହିନ୍ଦୀ ଶିକ୍ଷକ ନୁର୍ ମହମ୍ମଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନୀଙ୍କ ବଳିଷ୍ଠ ନେତୃତ୍ୱରେ ଜୁନିୟର ଓ ସିନିୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟର କଳା ଶିକ୍ଷକ ଶ୍ରୀକାନ୍ତ କୁମାର ସାମଲ, ବିଜ୍ଞାନ ଶିକ୍ଷକ ଜାବେଦ ଅହମ୍ମଦ ଖାଁ, ସଂସ୍କୃତ ଶିକ୍ଷକ ମନବୋଧ ଦାସ, ଶିକ୍ଷୟିତ୍ରୀ ଜୟଶ୍ରୀ ଦଣ୍ଡସେନା, ଚନ୍ଦ୍ରିମା ମିଶ୍ର, ସଞ୍ଜୀବ କୁମାର ବିଶି, ଅଶୋକ କୁମାର ରଣା, ପଞ୍ଚୁରାମ ନାଏକ, ନବୀନ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।




# ଷ୍ଟ୍ରିଟ ଲାଇଟ୍ ଅଚଳ, ମରାମତି ହେଉନି

ବେହେରା,୧୫।୧୨(ଭୂପେଶ ତିୱାରୀ)



**୨ ଲକ୍ଷର ହାଇମାଷ୍ଟ ଲାଇଟ ୨ ମାସରେ ଫେଲ୍**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମରେ ଦନେଶ୍ୱରୀ ମନ୍ଦିର ମଧ୍ୟରେ ଲାଗିଥିବା ହାଇମାଷ୍ଟ ଲାଇଟ ଅଚଳ ହୋଇ ପଡ଼ିଛି। ଧର୍ମଗଡ଼ ବିଧାୟକଙ୍କ ଲୋକାଲ ଏରିଆ ଡେଭଲପମେଣ୍ଟ ଫଣ୍ଡରୁ ବେହେରା ଦନ୍ତେଶ୍ୱରୀ ମନ୍ଦିର ଛକରେ ଏହା ଗତ ଅକ୍ଟୋବରରେ ବ୍ୟବସ୍ଥିତ କରାଯାଇଥିଲା। ଅନେକ ଦିନର ଦାବି ପୁରଣ ହୋଇଥିବା ଦେଖି ଲୋକେ ଖୁସି ହୋଇଥିଲେ। କିନ୍ତୁ ମାତ୍ର କେଇଟି ଦିନରେ ଲାଇଟ ଅଚଳ ହୋଇଯିବାରୁ ଲୋକଙ୍କ ମନରେ ଗଭୀର ଆଘାତ ଲାଗିବା ସହ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ପ୍ରତି ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଏହାର ପୁନଃ ମରାମତି ପାଇଁ ସଂପୃକ୍ତ ଠିକାଦାର, ଅଧିକାରୀ ଓ ବିଧାୟକଙ୍କୁ ଅନୁରୋଧ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ହୋଇ ନ ପରିବା ଦୁର୍ଭାଗ୍ୟ ବିଷୟ ବୋଲି ବେହେରା ସରପଞ୍ଚ କୁମୁଦିନି ଗଈନ୍ତା ପ୍ରକାଶ କରିଥିଲେ। ବିଧାୟକ ପ୍ରତିନିଧି ମାନସ ବାଗଙ୍କୁ ପଚାରିବାରୁ ବର୍ଷା ଯୋଗୁ ଲାଇଟ ଖରାପ ହୋଇଥିବ, ହାଇମାଷ୍ଟ ଲାଇଟର ୫ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ରହିଛି, ଶୀଘ୍ର ମରାମତି କରାଯିବ ବୋଲି କହିଥିଲେ। ବେହେରା ଗ୍ରାମପଞ୍ଚାୟତ ଦ୍ୱାରା ସଂଯୋଗ କରାଯିବା ଷ୍ଟ୍ରିଟ ଲାଇଟ ମଧ୍ୟ ଏତେ ନିମ୍ନମାନର ଯେ, ସଂଯୋଗ ମାତ୍ର ଅଳ୍ପ ଦିନରେ ଲାଇଟଗୁଡିକ ଅଚଳ ହୋଇ ମାସ ମାସ ପଡି ରହିଛି। ବେହେରା ଜଗନ୍ନାଥ ମନ୍ଦିର ଛକ, ସ୍କୁଲ ଛକ, ସାହୁପଡା ଛକ, ଶିବ ମନ୍ଦିର ପଡ଼ା, ବଡ଼ ନାଏକ ପଡ଼ା ତଥା ବାଙ୍କୀମୁଣ୍ଡାରେ ଲାଗି ଥିବା ସମସ୍ତ ଷ୍ଟ୍ରିଟ ଲାଇଟ ଅନେକ ମାସରୁ ଅଚଳ ହୋଇ ପଡିଛି। ଡିଆରଡିଏରୁ ଗ୍ରାମପଞ୍ଚାୟତକୁ ଅତି ନିମ୍ନମାନର ଷ୍ଟ୍ରିଟ ଲାଇଟ ଯୋଗାଇ ଦେଉଥିବା ଯୋଗୁ ଏପରି ଦୁରାବସ୍ଥା ଦେଖିବାକୁ ମିଳୁଛି। ଅଳ୍ପ ଦିନ ମଧ୍ୟରେ ସମସ୍ତ ଷ୍ଟ୍ରିଟ ଲାଇଟ ଡିଆରଡିଏକୁ ଫେରସ୍ତ କରିଦିଆଯିବ ବୋଲି ସରପଞ୍ଚ ପ୍ରକାଶ କରିଥିଲେ। ସରକାରଙ୍କ ଦ୍ୱାରା ଗାଁ ଗାଁରେ ଷ୍ଟ୍ରିଟ ଲାଇଟ ସଂଯୋଗ କରି ଗ୍ରାମ୍ୟ ପରିବେଶକୁ ଅନ୍ଧକାରରୁ ମୁକ୍ତ କରିବାକୁ ଯୋଜନା କରାଯାଉ ଥିଲେ, ଲାଭଖୋର ଅଧିକାରୀ ଓ ଠିକାଦାରଙ୍କ ଯୋଗୁ ସବୁ ଯୋଜନା ଭଣ୍ଡୁର ହେଉଥିବା ଦେଖାଯାଉଛି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ ସାମାଜିକ କର୍ମୀ ଘନଶ୍ୟାମ ପଟେଲ, ପୂର୍ବତନ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ, ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ରାଜୁ ସିଂ ଠାକୁର, ଦଣ୍ଡପାଟ ଯୁବସେବା ସଙ୍ଗଠନ ସଭାପତି ରଜତ ବଂସଲଙ୍କ ସମେତ ବେହେରା ଗ୍ରାମପଞ୍ଚାୟତସ୍ଥ ସାଧାରଣ ଲୋକେ ଦାବି କରିଛନ୍ତି।

## ସଂକ୍ଷେପରେ

### ବିପୁଳ ପରିମାଣର ଗଞ୍ଜେଇ ଚାଷ ନଷ୍ଟ

**ବାଉଁଶୁଣୀ,୧୫।୧୨(ଦେବାଶିଷ ନେପାକ):** ବୌଦ୍ଧ ଜିଲା ବାଉଁଶୁଣୀ ଥାନା ପକ୍ଷରୁ ଶୁକ୍ରବାର ବିଜାପଦର ଜଙ୍ଗଲ ଅଞ୍ଚଳରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷ ଉପରେ ଚଢାଉ କରାଯାଇଥିଲା। ଆରକ୍ଷୀ ଅଧୀକ୍ଷକ ରାଜ୍ ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏଏସଆଇ ସୟଦ ଅଲିଙ୍କ ନେତୃତ୍ୱରେ ବିପୁଳ ପରିମାଣର ଗଞ୍ଜେଇ ଗଛକୁ କାଟି ପାଡି ନଷ୍ଟ କରାଯାଇଥିଲା।

### ରାସ୍ତା ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ଡୁଙ୍ଗୁରିପାଲି, ୧୫।୧୨ (ଦୀନବନ୍ଧୁ ସୁନା):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମାୟାବର୍ହା ଗାଁ ଛକଠାରେ ସାହାଜବାହାଲଠାରୁ ଭୀମଟିକିରା ରାସ୍ତାର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ମୁଖ୍ୟ ଅତିଥି ସଂସଦୀୟ ବ୍ୟାପାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇଥିଲେ। ୨୧ କୋଟି ୧ ଲକ୍ଷ ୯୯ ହଜାର ଟଙ୍କା ବ୍ୟୟ ଅଟକଳରେ ୧୦ କିମି ରାସ୍ତାର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ସହିତ ବରଗଡ ଜିଲାର ୯୯୦ ମିଟର ରାସ୍ତାର ସଂଯୁକ୍ତିକରଣ କାର୍ଯ୍ୟର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗୁରୁବାର ମନ୍ତ୍ରୀ ପୂଜାରୀ ମାୟାବର୍ହା ଗ୍ରାମ ଛକରେ ପହଞ୍ଚିଥିଲେ। ସେଠାରେ ପ୍ରଥମେ ସାହାଜବାହାଲ ଗ୍ରାମ ତଥା ଆଖପାଖ ଗ୍ରାମବାସୀ ମନ୍ତ୍ରୀ ଦ୍ୱୟଙ୍କୁ ସ୍ୱାଗତ ଜଣାଇଥିଲେ। ବରଗଡ ଜିଲା ରେଶମ ପ୍ରଶାଖା ଠାରୁ ସାହାଜବାହାଲ ଗାଁରୁ ଯାହାକି ଶ୍ରୀରାମ ମହାବିଦ୍ୟାଳୟ ରାମପୁର ଦେଇ ବାବାଜୀ ସାହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗଜବନ୍ଧ ପର୍ଯ୍ୟନ୍ତ କେନାଲ ରାସ୍ତାର ପ୍ରଶସ୍ତି ଓ ଉନ୍ନତିକରଣ ପାଇଁ ସହାୟକ ହେବ ବୋଲି ସୂଚନା ଦିଆଯାଇଛି। ଏହି ରାସ୍ତା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ସୋନପୁର ଦ୍ୱାରା ହେବାକୁ ଥିବାବେଳେ କଲେଜର ଛାତ୍ରୀଛାତ୍ର, ଅଞ୍ଚଳର ଜନସାଧାରଣ, ପଡୋଶୀ ଜିଲାକୁ ଯାତାୟତ କରିବାର ସୁଫଳ ମିଳିବ।

### ସିଦ୍ଧାର୍ଥ ଡିଗ୍ରୀ କଲେଜରେ ନୂଆ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ

**ବିନିକା, ୧୫।୧୨ (ରାମଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜଠାରେ ଶୁକ୍ରବାର ନୂଆ ଓଡ଼ିଶା ନବୀନ ଓଡ଼ିଶା ଯୁବ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ଅଧ୍ୟକ୍ଷ କିଶୋର ଚନ୍ଦ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ନିର୍ବାହୀ ଅଫିସର ସତ୍ୟନାରାୟଣ ପଧାନ, ସମ୍ମାନିତ ଅତିଥି ଭାବେ ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ଉପାଧକ୍ଷା ତପସ୍ୱିନି ମେହେର, ଅଗ୍ନିଶମ ଅଧିକାରୀ ଦିଲ୍ଲୀପ କୁମାର ବେହେରା, ସତ୍ୟମ ଗ୍ରୁପର ଚେୟାରମ୍ୟାନ ଅଶ୍ୱିନୀ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ସମସ୍ତ ଛାତ୍ରୀଛାତ୍ରଙ୍କୁ ବିପର୍ଯ୍ୟୟ ମୁକାବିଲା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିକ୍ଷା ଦେଇଥିଲେ। ନୋଡାଲ ଅଫିସର ହରିଶ୍ଚନ୍ଦ୍ର ହୋତା ପରିଚାଳନା କରିଥିଲେ।

# ଘରୋଇ ପଣ୍ୟାଗାରକୁ ନା

## ଜିଲାପାଳଙ୍କୁ ଫେରାଦ

**ବରଗଡ଼,୧୫।୧୨(ପ୍ରେମାନନ୍ଦ ଖମାରୀ)**



ଜିଲାପାଳଙ୍କୁ ଫେରାଦ ହୋଇଥିବା ଶ୍ରମିକବୃନ୍ଦ ।

ରାଜ୍ୟରେ ଚାଉଳକୁ ସଂରକ୍ଷିତ ରଖିବା ପାଇଁ ରାଜ୍ୟ ସରକାରଙ୍କ ପଣ୍ୟାଗାର ଏବଂ ଭାରତୀୟ ଖାଦ୍ୟ ନିଗମର କେନ୍ଦ୍ରୀୟ ପଣ୍ୟାଗାର ରହିଛି। ମାତ୍ର ସେଠାରେ ଚାଉଳ ରଖିବା ବଦଳରେ ବିଭିନ୍ନ ଘରୋଇ ପଣ୍ୟାଗାର(ଗୋଦାମ)ରେ ଚାଉଳ ରଖାଯାଉଛି। ଏହାକୁ ନେଇ ପଣ୍ୟାଗାରରେ ନିୟୋଜିତ ଶ୍ରମିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘରୋଇ ପଣ୍ୟାଗାରରେ ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ) ଚାଉଳ ରଖା ନ ଯାଇ ରାଜ୍ୟ କିମ୍ବା କେନ୍ଦ୍ରୀୟ ପଣ୍ୟାଗାରରେ ତାହା ରଖିବାକୁ ସେମାନେ ଦାବି କରିଛନ୍ତି । ଏହି କ୍ରମରେ ଶୁକ୍ରବାର ବରଗଡ଼ ଜିଲାର ବିଭିନ୍ନ ପଣ୍ୟାଗାରରେ ନିୟୋଜିତ ଶ୍ରମିକମାନେ ରାଜ୍ୟ ପଣ୍ୟାଗାର ସାଧାରଣ ପରିଚାଳକଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ସୂଚନା ଅନୁସାରେ, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଜିଲାର ବିଭିନ୍ନ ସ୍ଥାନରେ ରାଜ୍ୟ ସରକାର ଏବଂ ଭାରତୀୟ ଖାଦ୍ୟ ନିଗମ ଅଧୀନରେ କେନ୍ଦ୍ରୀୟ ପଣ୍ୟାଗାର ରହିଛି। ଏହି ପଣ୍ୟାଗାର ଉପରେ ବହୁସଂଖ୍ୟକ ଶ୍ରମିକ ନିର୍ଭର କରିଥାନ୍ତି। ଚାଉଳ ଲୋଡ଼ିଂ, ଅନ୍‌ଲୋଡ଼ିଂ କରି ଯାହା ରୋଜଗାର କରିଥାନ୍ତି, ସେଥିରେ ସେମାନେ ପରିବାର ପୋଷଣ କରିଥାନ୍ତି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ଜଣେ ନିର୍ଦ୍ଦିଷ୍ଟ ଘରୋଇ ପଣ୍ୟାଗାର ମାଲିକଙ୍କୁ ଚାଉଳ ସଂରକ୍ଷଣ ଅନୁମତି ଦେଇଥିବା ଅଭିଯୋଗ କରି ଶ୍ରମିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘରୋଇ ପଣ୍ୟାଗାର ମାଲିକ ଚାଉଳ ସଂରକ୍ଷଣ ଦାୟିତ୍ୱ ନେଲେ ମନମାନି କରିବେ ଏବଂ ଚାଉଳର ସୁରକ୍ଷା ନେଇ ଆଶଙ୍କା ରହିଥିବା ଶ୍ରମିକମାନେ କହିଛନ୍ତି । ଏପରିକି ସେମାନେ ଦୀର୍ଘବର୍ଷ ଧରି ପଣ୍ୟାଗାରରେ ନିୟୋଜିତ ଥିଲେ ସୁଦ୍ଧା ଘରୋଇ ପଣ୍ୟାଗାର ମାଲିକ ବାହାରୁ ଶ୍ରମିକ ଆଣି ନିୟୋଜିତ କରିବା ଆଶଙ୍କା ରହିଛି । ତେବେ ଚାଉଳ ସଂରକ୍ଷଣ ପାଇଁ ସରକାରୀ ପଣ୍ୟାଗାର ଥିବା ସତ୍ତ୍ୱେ ଘରୋଇ ପଣ୍ୟାଗାର ପ୍ରତି ସରକାରଙ୍କ ଏଭଳି ଅନୁକମ୍ପାକୁ ନେଇ ନାନା ସନ୍ଦେହ ଉପୁଜିଛି। ଏଭଳି ସ୍ଥଳେ ଘରୋଇ ପଣ୍ୟାଗାର ବଦଳରେ ସରକାରୀ ପଣ୍ୟାଗାରରେ ଚାଉଳ ରଖାଯାଉ ବୋଲି ଗୋଡ଼ଭଗାର ମୁକେନ୍ଦ୍ର ଷଣ୍ଢ, ଲାଦେରପାଲିର ହରିଚନ୍ଦନ ବେନିଆଙ୍କ ନେତୃତ୍ୱରେ ଶ୍ରମିକମାନେ ଦାବି କରିଛନ୍ତି।

# ଓବିସିଙ୍କୁ ୫୨ ପ୍ରତିଶତ ଆରକ୍ଷଣ ଦିଆଯାଉ

**ବରଗଡ଼,୧୫।୧୨(ପ୍ରେମାନନ୍ଦ ଖମାରୀ)**

ଶିକ୍ଷା, ଚାକିରି, ରାଜନୀତି କ୍ଷେତ୍ରରେ ପଛୁଆ ବର୍ଗ(ଓବିସି) ମାନଙ୍କୁ ୫୨ ପ୍ରତିଶତ ଆରକ୍ଷଣ ଦିଆଯାଉ ବୋଲି ଓବିସିମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଜନଜାଗରଣ ଯାତ୍ରା ଶୁକ୍ରବାର ବରଗଡ଼ରେ ପହଞ୍ଚିଥିଲା। ଏହି ପରିପ୍ରେକ୍ଷୀରେ ବରଗଡ଼ ଗାନ୍ଧୀ ଛକରେ ଏକ ସଭା ହୋଇଥିଲା। ଜନସଂଖ୍ୟା ଅନୁପାତରେ ରାଜ୍ୟରେ ୭୬ ବିଧାୟକ ଏବଂ ୧୧ ସାଂସଦ ଓବିସି ସମାଜରୁ ହେବା କଥା ବୋଲି ଓବିସି ମଞ୍ଚର ସଭାପତି ଶଙ୍କର ପାତ୍ର କହିଥିଲେ। ଛତିଶଗଡ଼, ଝାରଖଣ୍ଡ, ବିହାର ଭଳି ରାଜ୍ୟରେ ଓବିସିମାନଙ୍କୁ ପ୍ରାଧାନ୍ୟ ଦିଆଯାଉ ଥିବାବେଳେ ଓଡ଼ିଶାରେ ପଛୁଆ ବର୍ଗଙ୍କୁ ସବୁକ୍ଷେତ୍ରରେ ଅଣଦେଖା କରାଯାଉଛି ବୋଲି ପାତ୍ର ଅଭିଯୋଗ କରିଥିଲେ। ବରଗଡ଼ ହଳଦୀପାଲି ଛକରେ ଜନଜାଗରଣ ଯାତ୍ରା ପହଞ୍ଚିବା ପରେ ସ୍ୱାଗତ କରି ସହର ପରିକ୍ରମା କରାଯାଇଥିଲା। ଏହାପରେ ଗାନ୍ଧୀ ଛକରେ ସଭା ହୋଇଥିଲା। ସଭାରେ ଓବିସି ମଞ୍ଚର ପ୍ରବକ୍ତା ବିରଞ୍ଚି ସାହୁ, କୋଷାଧ୍ୟକ୍ଷ ପ୍ରଦେଶୀ ବିଶ୍ୱାଳ, ଓଡ଼ିଶା ରାଜ୍ୟ ଓବିସି ସୁରକ୍ଷା ମଞ୍ଚ ସଭାପତି ଷଡ଼ାନନ ଭୋଇ, ବରିଷ୍ଠ ଆଡଭୋକେଟ୍ ଭୀଷ୍ମଦେବ ସରାଫ, ପାଣ୍ଡବ କର୍ଣ୍ଣ, କିଶୋର ସାହୁ, ପଦ୍ମଲୋଚନ ସାହୁ, ବୈଷ୍ଣବ ଚରଣ ତ୍ୟାଗୀ, ପରେଶ ବିଶି, ଭବାନୀ ସାହୁ, ବିରବଲ ମହାକୁଡ଼, ଆନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।




ବରଗଡ଼ ଗାନ୍ଧୀ ଛକରେ ଓବିସି ଜାଗରଣ ଯାତ୍ରାର ସଭା ।

# ସ୍ୱାସ୍ଥ୍ୟସେବା ଦାବିକଲା ଭାଜପା



ହସ୍ପିଟାଲ ମ୍ୟାନେଜରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ବରଗଡ଼,୧୫।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ନେଇ ଉକ୍ତ ପ୍ରତିନିଧି ଦଳ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାସହିତ ସେଠାରେ ଉପସ୍ଥିତ ହସ୍ପିଟାଲ ମ୍ୟାନେଜରଙ୍କୁ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ମୁଖ୍ୟ ଡାକ୍ତରଖାନାରେ ଖାଲି ପଡ଼ିଥବା ଡାକ୍ତର ପଦବୀ ପୂରଣ, ଏକ୍ସ ରେ, ଅଲଟ୍ରାସାଉଣ୍ଡ, ଇସିଜି, ସିଟି ସ୍କାନ, ଏମ୍‌ଆର୍‌ଆଇ ସୁବିଧା ଯୋଗାଇବା ଆଦି ଦାବି ରହିଛି। ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଅଶୋକ ପଣ୍ଡା, ରବି ନାରାୟଣ ଦାଶ, ପ୍ରୀତମ ସିଂ, ଅବନୀକାନ୍ତ ପଣ୍ଡା, ମୃତ୍ୟୁଞ୍ଜୟ ମହାରଣା, ଯୁଧିଷ୍ଠିର ମେହେର, ସୀମା ସିଂ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ହୋଇଥିଲେ।

### କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ବାଉଁଶୁଣୀ,୧୫।୧୨( ଦେବାଶିଷ ନେପାକ)**

ବାଉଁଶୁଣୀ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଡିସେମ୍ବର ୧ରୁ ଆରମ୍ଭ ହୋଇଥିବା ନୂଆ ଓଡ଼ିଶା ନବୀନ ଓଡ଼ିଶା ତଥା ସମନ୍ୱୟ ଯୁବ ବିକାଶ କାର୍ଯ୍ୟକ୍ରମ ଅଧିନରେ ଶୁକ୍ରବାର କ୍ରିଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମା' ମାହେଶ୍ୱରୀ ମନ୍ଦିରରୁ ଖେଳ ପଡିଆ ପର୍ଯ୍ୟନ୍ତ ଏକ ମଶାଲ ଶୋଭାଯାତ୍ରା କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥିଭାବେ କନ୍ଧମାଳ ବିଧାୟକଙ୍କ ପ୍ରତିନିଧି ତଥା ଅଁଳାପାଲି ସରପଞ୍ଚ ଆଜିତ କୁମାର ମେହେର, ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ ପ୍ରମୁଖ ଉପସ୍ଥିତ ରହି କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରକାରର ଖେଳ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଖେଳ ଶିକ୍ଷକ ରମେଶ ମେହେର ଓ ବାଉଁଶୁଣୀ ଡିଗ୍ରୀ ମହାବିଦ୍ୟାଳୟର ଖେଳ ଶିକ୍ଷକ ଗୋକୁଳାନନ୍ଦ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ରକ୍ତଦାନ ଶିବିର

**ପଦ୍ମପୁର,୧୫।୧୨(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଆଦିବାସୀ କଲ୍ୟାଣ ବିଭାଗ ଅଧୀନସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଅନ୍ୱେଷା ଖେଳପଡିଆରେ ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ବିଜ୍ଞାନମେଳା ଓ ପ୍ରକଳ୍ପ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ନିଷ୍ଠା ପରିବାର ଓ ବରଗଡ ଶିକ୍ଷା ଜିଲାର ମିଳିତ ଉଦ୍ୟମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପଦ୍ମପୁର ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇ, ବରଗଡ ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ସୋହେଲା ବ୍ଲକ ଶିକ୍ଷାଧିକାରୀ ଅମୃତା ସାହୁ ଓ ଶିକ୍ଷକ ଦୟାସାଗର ସାହୁ ପ୍ରମୁଖ ରକ୍ତଦାନ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ, ପ୍ରମୋଦ ନାଥ, ଭବାନୀଶଙ୍କର ଗଡ଼ତିଆ, ପ୍ରିୟବ୍ରତ ସାହୁ, ଗୋକୁଳ ଗଡ଼ତିଆ, ଅନୀଲ ସାବତ, ସୁଜିତ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କୃଷିରୁ କୃତ୍ରିମ ବୁଦ୍ଧିମତା ପର୍ଯ୍ୟନ୍ତ ସେମିନାରରେ ବଲାଙ୍ଗୀର ରେଙ୍ଗାଲି ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ଦିଲୀପ କୁମାର ଧଳ ତଥ୍ୟ ଉପସ୍ଥାପନ କରିଥିଲେ। ଏହାକୁ ସଂଯୋଜନା କରିଥିଲେ ରାଜେଶ ଖମାରୀ ଓ ଦ୍ୱାଦଶ ପ୍ରଧାନ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗୋବିନ୍ଦ ସେଠ ଓ ସୋନାଲିକା ଶବର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ବାଲ ବୈଜ୍ଞାନିକ କାର୍ଯ୍ୟକ୍ରମରେ ରକ୍ତଦାନ କରାଯାଉଛି।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ବରପାଲି,୧୫।୧୨(ଚିତ୍ତରଞ୍ଜନ ସାହୁ)**



ମୁଖ୍ୟଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ବରଗଡ ଜିଲା ବରପାଲି ହାଇସ୍କୁଲ ଖେଳ ପଡିଆରେ ବାଳକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଚାଲିଥିବା ଦ୍ୱିଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ସାହୁ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ନଗରପାଳ ଦିନେଶ ଗହୀର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କ୍ରୀଡ଼ା ପତାକା ଅବତରଣ କରିଥିଲେ। ଆଜିର ସମାଜରେ ଛାତ୍ରୀଛାତ୍ରମାନେ ପାଠ ପଢ଼ିବା ସାଙ୍ଗକୁ କ୍ରୀଡ଼ା ମାଧ୍ୟମରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ସୁନାମ ଅର୍ଜନ କରୁଛନ୍ତି। ଏଣୁ ସମସ୍ତ ଛାତ୍ରୀଛାତ୍ର ଏହି ପ୍ରୟାସ ଜାରି ରଖିବା ଦରକାର ବୋଲି ମୁଖ୍ୟ ଅତିଥି ଗହୀର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ କ୍ରୀଡାବିତ୍ ଜିତେନ୍ଦ୍ରିୟ କୁମାର ବିଦ୍ୟାଧରଙ୍କୁ ସମ୍ବର୍ଦ୍ଧନା ସହ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯକ୍ରମକୁ ଜୟପ୍ରକାଶ ପଧାନ ପରିଚାଳନା କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ସୁଧୀର ସେଠ୍, ଦିଲୀପ ଗଣ୍ଡ, ଜଗତରାମ ସାହୁ, କନ୍ହେଇ ଦର୍ଜି, ପୁଷ୍ପାଞ୍ଜଳି ସରାଫ, ଲକ୍ଷ୍ମୀପ୍ରିୟା ସାହୁ, ସେବତୀ ଯୋଶୀ, ଗୀତାଞ୍ଜଳି ମେହେର, ରୀନା ମେହେର, ଶିକ୍ଷକ ଗଣେଶ ସେଟ୍, ମନୋଜ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଠିକ୍ କ୍ଷତି ଆକଳନ କରି କ୍ଷତିପୂରଣ ଦିଅ

**ପଦ୍ମପୁର,୧୫।୧୨(ପ୍ରଦୀପ୍ତ ଦାଶ)**

ଅଦିନିଆ ବର୍ଷା ଯୋଗୁ ପଦ୍ମପୁର ଉପଖଣ୍ଡ ଅଞ୍ଚଳର ଚାଷୀଙ୍କ ବ୍ୟାପକ କ୍ଷତି ହୋଇଛି। ଅମଳ ସମୟରେ ବର୍ଷା ହେବାରୁ ଧାନ ନଷ୍ଟ ହୋଇଯାଇଛି। ତେବେ ସରକାର ଠିକ୍ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ରାଜବୋଡାସମ୍ବର କୃଷକ ସଙ୍ଗଠନ ଦାବି କରିଛି। ଏହି କ୍ରମରେ ଶୁକ୍ରବାର ସଙ୍ଗଠନର ଏକ ପ୍ରତିନିଧି ଦଳ ପଦ୍ମପୁର ତହସିଲଦାରଙ୍କୁ ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କୃଷକ ସଙ୍ଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥି, ପଞ୍ଚାନନ ସାହୁ, ଗୌନ୍ତିଆ କୁମାର ସାହୁ, ନିରାକାର ସାହୁ, ରୋହିତ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଜର୍ଜଗଡ, ନୃସିଂହନାଥରେ ସାମାଜିକ ସଚେତନତା କାର୍ଯ୍ୟକ୍ରମ

**ପାଇକମାଳ,୧୫।୧୨(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଜର୍ଜଗଡ ଗ୍ରାମ ଓ ନୃସିଂହନାଥରେ ଶୁକ୍ରବାର ସାମାଜିକସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ଜର୍ଜଗଡ଼ ଗ୍ରାମବାସୀଙ୍କୁ ପ୍ଲାଷ୍ଟିକ ମୁକ୍ତ ତଥା ସ୍ୱଚ୍ଛ ପରିବେଶ ପାଇଁ ସଚେତନ କରାଇଥିଲେ। ଏହାପରେ ସେମାନେ ନୃସିଂହନାଥ ପରିସରକୁ ଯାଇ ସେଠାରେ ସଫେଇ କରିବା ସହ ସ୍ୱଚ୍ଛତା ଉପରେ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋର୍ଡିନେଟର ଜୟଦେବ ପ୍ରଧାନ, ରଞ୍ଜିତା ମହାନ୍ତି, ନିରୁପମା ମହାନ୍ତି, ତେଜରାଜ ପ୍ରଧାନ, ହିମାଂଶୁ ପ୍ରଧାନ, କ୍ଷୀରୋଦ୍ର ସାହୁ, ମଧୁସ୍ମିତା ପ୍ରଧାନ, ସବିତା ଭୋଇ ପ୍ରମୁଖ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଚକ୍ରଧରପୁରକୁ ହରାଇ ସୋହେଲା ୨ୟ ସେମିରେ

**ସୋହେଲା,୧୫।୧୨(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ସୋହେଲା ଦଳ ଚକ୍ରଧରପୁର ଦଳକୁ ୨-୦ ଗୋଲରେ ହରାଇ ୨ୟ ସେମିଫାଇନାଲରେ ପ୍ରବେଶ କରିଛି । ଖେଳର ପ୍ରଥମାର୍ଦ୍ଧର ୧୭ ମିନିଟରେ ହକିମ୍ ଓ ୪୦ ମିନିଟରେ ପର୍ମେଶ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଚକ୍ରଧରପୁର ଅନେକ ସୁଯୋଗକୁ ହାତ ଛଡା କରି ସଫଳ ହୋଇ ନ ଥିଲେ। ଆଜିର ଖେଳର ଶ୍ରେଷ୍ଠ ଖେଳାଳି ଭାବେ ବିଜୟୀ ଦଳର ଗୋଲକିପର ସିଦ୍ଧାନ୍ତ ପୁରସ୍କୃତ ହୋଇଥିଲେ। ବିଡ଼ିଓ ସୁରେନ୍ଦ୍ର ମେହେର ମୁଖ୍ୟ ଅତିଥି ଓ ଜିଲା କ୍ରୀଡା ସଂସଦ ଉପ ସଭାପତି ଯୁଗଳ ସିଂହ, ପୁରାତନ ଖେଳାଳି ମନସୁର ଭୋପଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଫାଓ ରେଫରି ଲିଙ୍ଗରାଜ ପଧାନ, ଶଶିକାନ୍ତ ଦାସିଆ, ଜିତେନ୍ଦ୍ରିୟ ଥନାପତି ଓ ରଞ୍ଜୁ ଛତରିଆ ଖେଳ ପରିଚାଳନା କରିଥିଲେ। ସୁରେଶ ଦାସ ଖେଳ କମିଶନର ଥିଲେ।



ଅତିଥିମାନଙ୍କ ଗହଣରେ ଉଭୟ ଦଳର ଖେଳାଳି।

# କୋମ୍ବିଂ ବେଳେ ଲ୍ୟାଣ୍ଡମାଇନ ନଷ୍ଟ କଲେ ବମ୍ ସ୍କ୍ୱାଡ୍

## ମାଓବାଦୀ,ଏସ୍‌ଓଜି ମଧ୍ୟରେ ଗୁଳିବିନିମୟ ଘଟଣା

**ବୌଦ୍ଧ/କନ୍ଧମାଳ,୧୫।୧୨ (ଅଜିତ କୁମାର ବାରିକ/ ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶଗଡା ଫାଣ୍ଡି ନଳିକୁପା ଗାଁ ନିକଟ ସୁବର୍ଣ୍ଣଗିରି ଓ ପେନାଜୋର ଜଙ୍ଗଲରେ ଗୁରୁବାର ମାଓବାଦୀ ଓ ଏସ୍‌ଓଜି ଯବାନଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ କାହାର କିଛି କ୍ଷତି ହୋଇ ନ ଥିଲା। ତେବେ ଏହି ଘଟଣା ପରେ ଉକ୍ତ ଜଙ୍ଗଲରେ ମାଓବାଦୀଙ୍କ ପକ୍ଷରୁ ଲ୍ୟାଣ୍ଡମାଇନ ବିଛା ଯାଇଥିବା ସୂଚନା ମିଳିବା ପରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ଶୁକ୍ରବାର କନ୍ଧମାଳ ପଟୁ ୭ ଟିମ୍ ଓ ବୌଦ୍ଧ ପଟୁ ୫ଟି ଟିମ୍ ଏହି ଅପରେଶନରେ ସାମିଲ ହୋଇଥଇଲେ। କୋମ୍ବିଂ ବେଳେ ମାଓବାଦୀମାନେ ଖଞ୍ଜି ଥିବା କିଛି ଲ୍ୟାଣ୍ଡ ମାଇନକୁ ବମ୍ ସ୍କ୍ୱାଡ୍ ନଷ୍ଟ କରିଦେଇଛନ୍ତି। ଘଟଣା ସ୍ଥଳରେ ଏସ୍‌ପି ରାଜ ପ୍ରସାଦ, ମନମୁଣ୍ଡା ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ ଓ ଅନ୍ୟ ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ପୋଲିସ ପକ୍ଷରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଥିବା ନେଇ ଏସ୍‌ପି ରାଜ ପ୍ରସାଦ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିସହ ମାଓବାଦୀଙ୍କ କ୍ୟାମ୍ପ ନଷ୍ଟ କରିଥିବା କହିଛନ୍ତି। ମାଓବାଦୀ କ୍ୟାମ୍ପରେ ୧୨ଟି ଆଇଇଡି, ୪ ଜିଲେଟିନ, ଲୋକାଲ ମେଡ ହେଣ୍ଡ ଗ୍ରାନେଡ ୪,ଏସପିଜିଲେ ଲାଇଭ ରାଉଣ୍ଡ ୨, ବିଦ୍ୟୁତ୍ ତାର ୫ ବଣ୍ଡଲ, ମଲଟି ମିଟର ୧,ଗନ କ୍ଲିନିଂ ପୁଲ ଥ୍ରୋ ୨, ପଟାସିୟମ ନାଇଟ୍ରେଟ ପାଉଡର ପ୍ୟାକେଟ,ଏନିମେସନ ପାଉଚ ୨, ବ୍ୟାଟେରୀ ୧୨, ୱାକିଟକି ଚାର୍ଜର ୩ ,ଇଲେକ୍ଟ୍ରି ସର୍କଟ ୧, ବଡି ଟ୍ରେପ ମେକାନିଜମ, ବେଟେରୀ ଚାର୍ଜର୨, ଜଙ୍ଗଲ ପେକ୍ ହାଭେରସେକ୍୭, ଗୋଟିଏ ମାଓବାଦୀ ପୋଷାକ, ମାଓ ପୁସ୍ତକ, କମ୍ବଳ ୧୨ଟା, ସୋଲାର ପେନାଲ ୩ ଟା, ଟର୍ଚ୍ଚ ବ୍ୟାଟେରୀ ୪ ଟା ଆଦି ଜବତ ହୋଇଥିଲା। ଏବେ ବି ମାଓ ବାଦଦୀଙ୍କ ଗତିବିଧି ଉପରେ ନଜର ରହିଥିବା ଏସପି ସୂଚନା ଦେଇଛନ୍ତି।



ଜବତ ହୋଇଥିବା ବିପୁଳ ପରିମାଣର ମାଓ ସାମଗ୍ରୀ।

## ସଂକ୍ଷେପରେ

### ଟ୍ରକ୍- ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ବିଶ୍ରା,୧୫।୧୨( ବଟକୃଷ୍ଣ ସ୍ୱାଇଁ):** ସ୍ତ୍ରୀକୁ ଦେଖିବା ପାଇଁ ଡାକ୍ତରଖାନା ଆସୁଥିବାବେଳେ ବାଟରେ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି ବିଶ୍ରା ଥାନା ସୁକୁଡା ଗ୍ରାମରେ। ପରଦେଶୀ ଗୋପ(୨୪) ବିଶ୍ରା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସ୍ତ୍ରୀଙ୍କୁ ଦେଖିବା ପାଇଁ ବାଇକ୍ ଯୋଗେ ଆସୁଥିବା ବେଳେ ଦରେଇକେଲା ନିକଟରେ ଏକ ଟ୍ରକ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ପୋଲିସ ଅଧିକାରୀ ତାଙ୍କୁ ବିଶ୍ରା ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ରଉରକେଲା ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଦୁର୍ଘଟଣାଗ୍ରସ୍ତ ଟ୍ରକ-ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଦୁର୍ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇ ଯାଇଛନ୍ତି।

### ନିଖୋଜ ଯୁବକଙ୍କ ମୃତଦେହ ଜବତ

**ବଣାଇଁ,୧୫।୧୨ (ପ୍ରଦୀପ ତ୍ରିପାଠୀ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ତୁମକେଲା ବ୍ରାହ୍ମଣୀ ନଦୀ ଘାଟରେ ଗତ ୩ ଦିନ ତଳେ ବୁଡ଼ି ନିଖୋଜ ହୋଇଥିବା ଯୁବକଙ୍କ ଶୁକ୍ରବାର ମୃତଦେହ ଜବତ ହୋଇଛି। ମୃତକ ହେଲେ ଅଶୋକ ସିଂ। ଶନିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗୁଡିଆଲୀ ଗ୍ରାମର ଅଶୋକ ମଙ୍ଗଳବାର ନିଜ ଘରର ପୂଜା ସାମଗ୍ରୀ ବିସର୍ଜନ କରିବାକୁ ବ୍ରାହ୍ମଣୀ ନଦୀର ତୁମକେଲା ଘାଟକୁ ଯାଇଥିଲେ। ପୂଜା ସାମଗ୍ରୀ ବିସର୍ଜନ କରିବା ସମୟରେ ଅସାବଧାନତା ବଶତଃ ଗଭୀର ସୁଅରେ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଲହୁଣୀପଡ଼ା ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସେମାନେ ଆସି ଖୋଜାଖୋଜି କରିଥିଲେ, ହେଲେ ଯୁବକଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ୩ ଦିନ ପରେ ନଦୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ବଣାଇଁ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଓ ଅଗ୍ନିଶମ କର୍ମଚାରୀ ନଦୀରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ।

### ୭ କୁଇଣ୍ଟାଲ ଲୁହା ପ୍ଲେଟ ଜବତ, ୨ କୋର୍ଟ ଚାଲାଣ

**କୁଆଁରମୁଣ୍ଡା,୧୫/୧୨(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ପୁଟ୍ରିଖମନଠାରେ ଥିବା ଏଲ୍ ଆଣ୍ଡ ଟି କମ୍ପାନୀର ଲୁହା ସରଞ୍ଜାମ ଷ୍ଟୋରରୁ ୭ କୁଇଣ୍ଟାଲ ଲୁହା ଆଙ୍ଗଲ, ପ୍ଲେଟ ଆଦି ଚୋରି ଅଭିଯୋଗରେ ଶୁକ୍ରବାର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଉକ୍ତ କମ୍ପାନୀର ରାତ୍ର ଜଗୁଆଳି ସ୍ଥାନୀୟ ଲୁଚାବାହାଲ ଗ୍ରାମର ରାଜୁ ତୁରୀ(୨୦) ଓ ମୁଖ୍ୟ ଅଭିଯୁକ୍ତ ଦୁମାଙ୍ଗଦିରି ଗ୍ରାମର ଟେମ୍ପା ଏକ୍କା(୨୭)। ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା( ନଂ ୨୫୬/୨୩) ରୁଜୁ ହେବା ସହ ପୋଲିସ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ଜବତ ଲୁହର ବଜାର ମୂଲ୍ୟ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି।

# ବଢୁଛି ନଦୀ ଜଳ ଅପଚୟ

**ରାଉରକେଲା,୧୫।୧୨(ବିପ୍ଳବ ରଞ୍ଜନ ଦାଶ)**



ରାଉରକେଲା ୱାଟକୋ ଜଳ ବିଶୋଧନାଗାର ।

ରାଉରକେଲା ଜଳ ବିଭାଜନ ବିଭାଗ(ୱାଟକୋ) ପ୍ରତିଦିନ ସହରାଞ୍ଚଳ ଓ ଶିଳ୍ପାଞ୍ଚଳ ବସ୍ତିର ୩ଲକ୍ଷ ୪୬ହଜାର ୫୩୬ ଲୋକଙ୍କ ଘରକୁ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ କରୁଛି। ଏହି ଜଳ ମୁଖ୍ୟତଃ ବ୍ରାହ୍ମଣୀ ଓ କୋଏଲ ନଦୀରୁ ଅଣାଯାଇ ପାନପୋଷ ସ୍ଥିତ ୱାଟକୋ ମୁଖ୍ୟ କାର୍ଯ୍ୟାଳୟ ସ୍ଥିତ ଜଳ ବିଶୋଧନାଗାରରେ ବିଶୋଧନ ପରେ ପାଇପ ଯୋଗେ ସହରବାସୀଙ୍କୁ ଯୋଗାଇ ଦିଆଯାଏ। ତେବେ ସହରରେ ଜଳ ପରିମାଣ କମୁଥିବା ବେଳେ ଅପଚୟ ବଢିବାରେ ଲାଗିଛି। ବ୍ରାହ୍ମଣୀ ଏବଂ କୋଏଲ ନଦୀ କୂଳ ଅଞ୍ଚଳରେ ଜବରଦଖଲ ବୃଦ୍ଧି, ବେଆଇନ ବାଲି ଉଠାଣ ଏବଂ ସହରରେ ସ୍ୱେରେଜ ସିଷ୍ଟମ ଠିକ୍ ନ ଥିବା ଏହାର କାରଣ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

ବ୍ରାହ୍ମଣୀ ଓ କୋଏଲ ନଦୀ ହେଉଛି ରାଉରକେଲା ସହରର ଜୀବନରେଖା। ଏହି ଉଭୟ ନଦୀରୁ ଦୈନିକ ୧୭୮.୬୩ ମିଲିୟନ ଲିଟର ଜଳ ଆମଦାନୀ ହେଉଛି। ପ୍ରତି ବ୍ୟକ୍ତି ପିଛା ଦୈନିକ ୧୫୫ ଲିଟର ଅନୁସାରେ ସହରରେ ୫୩.୭୧ ଏମଏଲଡି ପାନୀୟ ଜଳ ଆବଶ୍ୟକ। ମାତ୍ର ୬୧.୯୦ ଏମଏଲଡି ଜଳ ୱାଟକୋ ପକ୍ଷରୁ ବିତରଣ କରାଯାଉଛି। ତେବେ ଉକ୍ତ ଜଳ ଲୋକଙ୍କ ବ୍ୟବହାର ପରେ ବିଶୋଧନ କରାଯାଇ ନଦୀଗର୍ଭକୁ ଯାଉଥିବା ଜଳ ମାତ୍ରା ହ୍ରାସ ପାଇବାରେ ଲାଗିଛି। ଯେତିକି ଜଳ ଲୋକଙ୍କୁ ଦିଆଯାଉଛି ତାଠାରୁ ବହୁ କମ୍ ଜଳ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ବିଶୋଧନ ହୋଇ ନଦୀଗର୍ଭକୁ ଛଡାଯାଉଛି। ଅବଶିଷ୍ଟ ଜଳ ନାଳ, ନର୍ଦ୍ଦମା, ରାସ୍ତାକଡ, ଅବ୍ୟବହୃତ ଚାମ୍ବରରେ ରହି ନଷ୍ଟ ହେଉଛି। ଫଳରେ ଏହା ଭବିଷ୍ୟତରେ ସହର ପାଇଁ ବୃହତ ଜଳସଙ୍କଟ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

୨୦୧୭ରୁ ରାଉରକେଲା ସହରରେ ସ୍ୱେରେଜ ସିଷ୍ଟମ ମାଧ୍ୟମରେ ୮୩୦୦ ଚାମ୍ବର ସ୍ଥାପିତ ହୋଇଥିଲେ ସୁଦ୍ଧା ଦୈନିକ ହଜାର ହଜାର ଲିଟର ପାଣି ବିଶୋଧିତ ହୋଇ ନ ପାରି ନଷ୍ଟ ହେଉଛି। ବର୍ତ୍ତମାନ ସୁଦ୍ଧା ସ୍ୱେରେଜ ସିଷ୍ଟମରେ ସିଭିଲ ଟାଉନଶିପ୍, ଛେଣ୍ଡ ଓ ପାନପୋଷ ଅଞ୍ଚଳରୁ ମାତ୍ର ୮.୨୩ ଏମଏଲଡି ଅପଚୟ ଜଳ ବାଲୁଘାଟ ସ୍ଥିତ ୪୦ ମିଲିୟନ ଲିଟର କ୍ଷମତା ବିଶିଷ୍ଟ ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି)ରେ ବିଶୋଧନ ହେଉଛି। ପୁରୁଷ ହକି ବିଶ୍ୱକପ୍ ବେଳେ ସହରର ସମସ୍ତ ରାସ୍ତା ଉନ୍ନତୀକରଣ କରିବା ସମୟରେ ୨ହଜାର ଚାମ୍ବର ପୋତି ଦିଆଯାଇଛି। ବିଭାଗ ଏପର୍ଯ୍ୟନ୍ତ ଚାମ୍ବରଗୁଡିକ ଖୋଜି ପାଉନାହିଁ। ଏ ନେଇ ୩ ମାସ ତଳେ ସ୍ମାର୍ଟସିଟି, ଆର୍‌ଏମ୍‌ସି ଏବଂ ଆରଏଣ୍ଡବି କର୍ତ୍ତୃପକ୍ଷଙ୍କୁ ପୋତି ହୋଇଯାଇଥିବା ୨ହଜାର ଚାମ୍ବର ଚିହ୍ନଟକରଣ ପାଇଁ ବିଭାଗ ପକ୍ଷରୁ ଚିଠି କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ କୌଣସି ଜବାବ ମିଳିନାହିଁ। ତୁରନ୍ତ ସହରକୁ ଆଗାମୀ ଜଳ ସଙ୍କଟରୁ ଉଦ୍ଧାର କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ଏ ନେଇ ସ୍ୱେରେଜ ବିଭାଗ ପ୍ରକଳ୍ପ ବିଭାଜନ ମହାପ୍ରବନ୍ଧକ ବସନ୍ତ ପ୍ରସାଦ ଡାକୁଆଙ୍କୁ ପଚାରିବାରୁ ସେ କହିଥିଲେ, ହକି ବିଶ୍ୱକପ୍ ସମୟରେ ସହରର ରାସ୍ତାଘାଟ ଉନ୍ନତୀକରଣ ସମୟରେ ୨ହଜାର ଚାମ୍ବର ରାସ୍ତାତଳେ ସମତୁଲ ହୋଇଯାଇଛି। ଏଣୁ ସହରର ରାସ୍ତାଘାଟ କାର୍ଯ୍ୟ ତଦାରଖ କରୁଥିବା ୩ ପ୍ରମୁଖ ବିଭାଗକୁ ୩ ମାସ ତଳେ ଚିଠି କରାଯାଇଛି। ସହଯୋଗ ମିଳିଲେ ଚାମ୍ବରମାନ ଉଦ୍ଧାର କରିବା ସହିତ କିଭଳି ଅଧିକରୁ ଅଧିକ ଅପଚୟ ଜଳ ବିଶୋଧନ ହେବ ତାହା ଉପରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ସେହିପରି ୱାଟ୍‌କୋର ମୁଖ୍ୟ ଅଧିକାରୀ ପ୍ରତାପ କେଶରୀ ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ବ୍ରାହ୍ମଣୀ ଓ କୋଏଲ ନଦୀ ସହରର ଏକମାତ୍ର ଜୀବନରେଖା। ଏହାର ସୁରକ୍ଷା ସମସ୍ତଙ୍କ ନୈତିକ ଦାୟିତ୍ୱ। ଅଯଥାରେ ଜଳ ଅପଚୟ ନ କରି ଠିକ୍ ଭାବେ ବ୍ୟବହାର କଲେ ସମସ୍ୟାର ସମାଧାନ ହେବ ବୋଲି ସେ କହିଥିଲେ।

## ଖୁଣ୍ଟମୁଣ୍ଡାରେ ରାସଯାତ୍ରା

**ବଡ଼ଗାଁ,୧୫।୧୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ନିକଟ ଖୁଣ୍ଟମୁଣ୍ଡା ଗ୍ରାମରେ ଗୁରୁବାର ରାସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳୁ ଗାଁର ଗୌନ୍ତିଆ ଅଭିମନ୍ୟୁ ତ୍ରିପାଠୀ ଏବଂ ତାଙ୍କ ସ୍ତ୍ରୀ କବିତା, ଗ୍ରାମବାସୀମାନେ ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ନେଇ ଗ୍ରାମ ପରିକ୍ରମା କଲାପରେ ମନ୍ଦିର ପରିସରରେ ମୂର୍ତ୍ତି ରଖାଯାଇଥିଲା। ରାତିସାରା ସଂପ୍ରଦା ମଣ୍ଡଳୀ ଦ୍ୱାରା ସଙ୍କୀର୍ତ୍ତନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ମଙ୍ଗଳା କିଷାନ, ସମିତି ସଭ୍ୟ କଷ୍ଟୁଭ୍ ହୋତା ଅତିଥିଭାବେ ଯୋଗଦେଇଥିଲେ। ଚୂଡ଼ାମଣି ପୃଷେଟ, ଚୈତନ୍ୟ ସା, ଦଶରୁ ମାଝି, ଚମ୍ପା ମାଝି, ଚକ୍ରଧର ନେଗି, ଅବ୍ୟକ୍ତ ବେହେରା, ଶୁକଦେବ ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ଦୀର୍ଘ ବର୍ଷରୁ ଯାତ୍ରାରେ ବଳିଷ୍ଠ ସହଯୋଗ କରିଆସୁଥିବା ଯାତ୍ରା କମିଟି ସଭାପତି ଭିଷ୍ମଦେବ ବେହେରା ଓ ଶୁକ୍ରୁଧର ଖଡିଆଙ୍କୁ ତାଙ୍କର ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।



ଗୌନ୍ତିଆ ଓ ତାଙ୍କ ସ୍ତ୍ରୀଙ୍କ ସହିତ ଗ୍ରାମବାସୀ ପୂଜାର୍ଚ୍ଚନା କରୁଛନ୍ତି।

## ଧାନମଣ୍ଡି ଉଦ୍‌ଘାଟିତ, ୭୯ କୁଇଣ୍ଟାଲ ଧାନ ସଂଗ୍ରହ

**କୁଆଁରମୁଣ୍ଡା,୧୫।୧୨(ମହେନ୍ଦ୍ର କୁମାର ସାହୁ)**

ପାନପୋଷ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଶୁକ୍ରବାର କୁଆଁରମୁଣ୍ଡା ଯମୁନାନାକିଠାରେ ନବନିର୍ମିତ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଉପଜଲାପାଳ ବିଜୟ କୁମାର ନାୟକ, କୁଆଁରମୁଣ୍ଡା ବିଡିଓ ଗଙ୍ଗାରାମ ବୁଡେକ ପ୍ରମୁଖ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଏହାପରେ ୨ ଜଣ ଚାଷୀଙ୍କଠାରୁ ସର୍ବମୋଟ ୭୯ କୁଇଣ୍ଟାଲ ଧାନ କିଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାନପୋଷ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସଞ୍ଜୟ ପ୍ରଧାନ, ପାନପୋଷ ଏଆର୍‌ସିଏସ ବିକାଶ ସମାଦ, ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ ପ୍ରକାଶ ପ୍ରଧାନ, କୁଆଁରମୁଣ୍ଡା ଲ୍ୟାମ୍ପ୍ସ ସଭାପତି ଟାଇରାସ୍ ମିଞ୍ଜ ପ୍ରମୁଖଙ୍କ ସହ ବହୁ ଚାଷୀ ଉପସ୍ଥିତ ଥିଲେ। ଏହି ଧାନମଣ୍ଡିରେ ପ୍ରତ୍ୟେକ ସୋମ, ବୁଧ ଓ ଶୁକ୍ରବାର ଧାନ ସଂଗ୍ରହ କରାଯିବ ବୋଲି କୁଆଁରମୁଣ୍ଡା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ରଣଜିତ ଲାକ୍ରା ସୂଚନା ଦେଇଛନ୍ତି।



କୁଆଁରମୁଣ୍ଡା ଜମୁନାନାକିରେ ନବନିର୍ମିତ ଧାନମଣ୍ଡିକୁ ଉଦ୍‌ଘାଟନ କରାଯାଉଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଲହୁଣୀପଡ଼ା,୧୫।୧୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟୁଗାଁ ପଞ୍ଚାୟତ ଧୁଡି ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ମୃତକ ହେଲେ ଉକ୍ତ ଗ୍ରାମର ବେଣୁଧର କାଳନ୍ଦୀ(୪୬)। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, କାଳନ୍ଦୀ କୌଣସି କାରଣରୁ ନିକଟସ୍ଥ ମୁରୁ ନାଳୀ ଗ୍ରାମର ଏକ ତେନ୍ତୁଳି ଗଛରେ ରଶି ଲଗାଇ ଝୁଲିପଡିଥିଲେ।

## ଭଲିବଲରେ ବିଜାଡିହି ବାଳିକା ହାଇସ୍କୁଲ ଛାତ୍ରୀଙ୍କ କୃତିତ୍ୱ

**ରାଉରକେଲା,୧୫।୧୨(ବିପ୍ଳବ ରଞ୍ଜନ ଦାଶ)**

ସୁନ୍ଦରଗଡ଼ ଜିଲା ଭବାନୀପୁର ମଡେଲ ସ୍କୁଲ ପଡିଆରେ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲା ଚାମ୍ପିୟନ ହୋଇଛି। ତେବେ ଏହି ପ୍ରତିଯୋଗିତାରେ ଜିଲା ଦଳକୁ ଚାମ୍ପିୟନ କରାଇବା ପଛରେ ବିଶ୍ରା ବ୍ଲକ ବିଜାଡିହି ସରକାରୀ ବାଳିକା ହାଇସ୍କୁଲର ୫ଜଣ ଛାତ୍ରୀ ସଂଯୁକ୍ତା ଓରାମ, ସ୍ନେହା ଖେଡିଆ, ବିମଳା ଓରାମ, ଇତିଶ୍ରୀ ଲାକ୍ରା ଏବଂ ତାରା ଏକ୍କାଙ୍କ ବିଶେଷ ଯୋଗଦାନ ରହିଥିଲା। ଏହି ୫ଖେଳାଳିଙ୍କ ଉନ୍ନତ ଖେଳ ପ୍ରଦର୍ଶନ ଯୋଗୁ ସୁନ୍ଦରଗଡ ଜିଲାକୁ ରାଜ୍ୟସ୍ତରୀୟ ଭଲିଭଲ ପ୍ରତିଯୋଗିତା-୨୦୨୩ର ଚାମ୍ପିୟନ ଦଳର ଆଖ୍ୟା ମିଳିପାରିଛି। ଏହି ଖେଳାଳିମାନଙ୍କୁ ୫ବର୍ଷ ଧରି ଆରଏସପିର ଅଗ୍ନିଶମ ବିଭାଗରେ କାର୍ଯ୍ୟରତ ଭଲିବଲ କୋଚ୍ ଦେବଦତ୍ତ ଜେନା ତାଲିମ ପ୍ରଦାନ କରିଆସୁଥିଲେ। ଏଣୁ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଆଇନ୍ଦ, ଛାତ୍ରାବାସ ରକ୍ଷକ ପବରେନ ଏକ୍କା, ଖେଳ ଶିକ୍ଷକ ସୌମ୍ୟରଞ୍ଜନ ଘଡେଇ ପ୍ରମୁଖ ଉକ୍ତ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦେବା ସହ କୋଚ ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି।



କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ, କୋଚ୍ ଏବଂ ଅନ୍ୟମାନେ।

## ଦର୍ଶକଙ୍କ ମନ ଜିଣିଲା ନାଟକ ଡିଜିଟାଲ ସ୍ୱର୍ଗ

**ସାଂସ୍କୃତିକ ସମାରୋହ ୨୦୨୩ ଉଦ୍‌ଯାପିତ**

**ରାଉରକେଲା,୧୫।୧୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ନାଟ୍ୟାନୁଷ୍ଠାନ କସ୍ତୁରୀ ପକ୍ଷରୁ ଚାଲିଥିବା ତ୍ରିଦିବସୀୟ ସାଂସ୍କୃତିକ ସମାରୋହ-୨୦୨୩ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଡଃ ସଞ୍ଜୟ ହାତୀଙ୍କ ରଚିତ ଓ ନିହାର ରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶିତ ହାସ୍ୟରସ ଭରା ନାଟକ 'ଡିଜିଟାଲ ସ୍ୱର୍ଗ' ଦର୍ଶକମାନଙ୍କ ମନ ଜିଣିଥିଲା। ଏହି ଅବସରରେ ଓଡିଆ ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତି, ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀ, ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ କସ୍ତୁରୀ ସମ୍ମାନ-୨୦୨୩ରେ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଆର୍‌ଏସ୍‌ପି ନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ଦକ୍ଷିଣ-ପୂର୍ବ ରେଳମଣ୍ଡଳ ପ୍ରବନ୍ଧକ ଅରୁଣ ଜେ. ରାଠୋର ଓ ଏନ୍‌ଏସ୍‌ପିସିଏଲ୍‌ର ବିଜନେସ ମୁଖ୍ୟ ସୁବ୍ରତ ଦେ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସମାରୋହର ପୃଷ୍ଠପୋଷକ ତଥା ଆରଏସପିର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ କସ୍ତୁରୀ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଦେଇଥିଲେ। ଅତିଥିମାନେ ଭିନ୍ନକ୍ଷମ, ଦିବ୍ୟାଙ୍ଗ ଓ ବରିଷ୍ଠ କଳାକାରମାନଙ୍କ ସମାଜ ପ୍ରତି ଥିବା ଅନୁରାଗକୁ ପ୍ରୋତ୍ସାହିତ କରିବା ପ୍ରୟାସକୁ ପ୍ରଶଂସା କରିଥିଲେ।



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ ।

## ଯୌନ ଉତ୍ପୀଡ଼ନ ନିବାରଣ ସଚେତନତା କାର୍ଯ୍ୟକ୍ରମ

**ବଣାଇଁ,୧୫।୧୨ (ପ୍ରଦୀପ ତ୍ରିପାଠୀ):** ବଣାଇଁଗଡ ମହାବିଦ୍ୟାଳୟ ପରିସରରେ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଯୌନ ଉତ୍ପୀଡ଼ନ ନିବାରଣ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ତାଲୁକ ଆଇନ ସେବା ସଂସ୍ଥା ପ୍ରାଧିକରଣ ତଥା ଅତିରିକ୍ତ ଜିଲା ଦୌରାଜଜ୍ ଡା. ଇସାରୁଦ୍ଦୁନ ନବି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନିଲ ମୁଣ୍ଡୁ, ତାଲୁକ ଆଇନ ସେବା ସଂସ୍ଥାର ରିଟେନର ବିଶ୍ୱଜିତ ସାହୁ, ଝାଡେଶ୍ୱର ବେହେରା, ବଣାଇଁ ମହାବିଦ୍ୟାଳୟ ଅଧକ୍ଷ ଜେନାମଣି ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଯୌନ ଉତ୍ପୀଡ଼ନ ଉପରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ କଳାକାର ସାହୁ, ରାମଚନ୍ଦ୍ର ସାହୁ, ସିଭିଲ୍ କୋର୍ଟର କର୍ମଚାରୀ ବ୍ରିଜେଶ କୁମାର ସାହୁ, ତାଲୁକ ଆଇନ ସେବା ସଂସ୍ଥାର ଅନ୍ତର୍ଯ୍ୟାମୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ରାଜଗାଙ୍ଗପୁର,୧୫।୧୨(ଅଶୋକ ପାଣି)**

ରାଜଗାଙ୍ଗପୁର ପୌରପରିଷଦ ପକ୍ଷରୁ ସ୍ଥାନୀୟ ଫୁଟ୍‌ବଲ ପଡିଆଠାରେ ଯୁବ ଓଡିଶା ନବୀନ ଓଡିଶା ପକ୍ଷରୁ ଆୟୋଜିତ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି କ୍ରୀଡା ମହୋତ୍ସବକୁ ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଡନସେନାଙ୍କ ଉପସ୍ଥିତିରେ ପୌରପାଳିକା ଅଧକ୍ଷା ମାଧୁରୀ ଲୁଗୁନ ଉଦ୍‌ଘାଟନ କରିଥିଲେ। ପୌରଅଧକ୍ଷା ମାଧୁରୀ ଲୁଗୁନ ଏବଂ ପୌର କାର୍ଯ୍ୟ ନିର୍ବାହ ଅଧିକାରୀ ଡନସେନା ଉପସ୍ଥିତ କ୍ରୀଡା ବିତ୍ତଙ୍କୁ ଉତ୍ସାହିତ କରି ଶାନ୍ତି ଶୃଙ୍ଖଳା ସହ ବିଭିନ୍ନ ଖେଳ ପ୍ରଦର୍ଶନ କରି ଏହି ମହୋତ୍ସବକୁ ସଫଳ କରିବା ପାଇଁ ଉପଦେଶ ଦେଇଥିଲେ। ଉତ୍ସବରେ କ୍ରିକେଟ, ଫୁଟବଲ, ଭଲିବଲ, ଖୋ ଖୋ, କବାଡି ପରି କ୍ରୀଡାର ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ କ୍ରିକେଟ ଖେଳର ଆୟୋଜନ କରାଯାଇଥିଲା। ଏଥିରେ ପୌରପାଳିକାର ପାରିଷଦ ବୃନ୍ଦ, କର୍ମଚାରୀ ବୃନ୍ଦ,ଏସଏଚଜି ଗ୍ରୁପ ତଥା ଶକ୍ତି ମିଶନର ମହିଳାମାନେ ଅଂଶ ଗ୍ରହଣ କରି ଉଦ୍‌ଘାଟନ ଉତ୍ସବକୁ ସଫଳ କରିଥିଲେ।



କ୍ରୀଡା ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ ଓ ଖେଳାଳି।

## ରତନପୁର ଚାମ୍ପିୟନ

**କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

**ବଡ଼ଗାଁ,୧୫।୧୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ଲଟାଗାଁସ୍ଥିତ ଖେଳ ପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୧୬ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରତନପୁର ଓ ଭିଖମପୁର ମଧ୍ୟରେ ହୋଇଥିଲା। ଭିଖମପୁରକୁ ହରାଇ ରତନପୁର ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବଡ଼ଗାଁ ସମିତି ମେମ୍ବର ଶାରିକା କେରକେଟା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ଖ୍ରୀଷ୍ଟଫର ଡୁଙ୍ଗଡୁଙ୍ଗ, ରମାକାନ୍ତ ଭୈସାଲ, ସଞ୍ଜୟ କୁମାର ଡୁଙ୍ଗଡୁଙ୍ଗ, ଗଣମାଧ୍ୟମ ପ୍ରତିନିଧି ଲବଣୀଧର ପୃଷେଟ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ଟିମ୍‌କୁ ୧୦ ହଜାର ଟଙ୍କା ସହିତ ଟ୍ରଫି, ଉପ ବିଜେତା ଟିମ୍‌କୁ ୬ ହଜାର ଟଙ୍କା ସହିତ ଟ୍ରଫି, ତୃତୀୟ ସ୍ଥାନ ପାଇଥିବା ବଡ଼ଗାଁ ଟିମ୍ ଓ ଚତୁର୍ଥ ସ୍ଥାନ ପାଇଥିବା ଭଉଁରା ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକ କମିଟିରେ ରାଜେଶ ଦେହୁରୀ, ଅମଜଦ ଆଲମ, ଶିବୁ ହୋତା, ମଞ୍ଜିତ କୁଜୁର, ଡୋଳାମଣୀ କାଲୋ, ରାଜା କର୍ଶେଳ ପ୍ରମୁଖ ଯୁବକମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।



ଅତିଥିଙ୍କ ସହ ଖେଳାଳି।

## ୬୪ ପ୍ରୋଜେକ୍ଟ ମାଧ୍ୟମରେ ବିଜ୍ଞାନ ସହିତ ଚିତ୍ରକଳା, ହସ୍ତକଳା ପ୍ରଦର୍ଶନ

**ବଣାଇଁ,୧୫।୧୨ (ପ୍ରଦୀପ ତ୍ରିପାଠୀ)**

ବଣାଇଁଗଡ଼ ସହରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ବିଜ୍ଞାନମେଳା ସହିତ ଚିତ୍ରକଳା ଓ ହସ୍ତକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନିଲ ମୁଣ୍ଡୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ଅଧକ୍ଷ ଜେନାମଣି ସାହୁ, ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ମନୋଜ କୁମାର ପତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ୬୪ଟି ପ୍ରୋଜେକ୍ଟ ମାଧ୍ୟମରେ ବିଜ୍ଞାନ ସହିତ ଚିତ୍ରକଳା ଓ ହସ୍ତକଳା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମର ବିଚାରକ ଭାବେ ଶିହିଡିହା କଲେଜ ଅଧାପକ ପ୍ରଶାନ୍ତ କୁମାର ଚଇନି, ଝାରବେଡା ଲବଙ୍ଗ ଲତା ସ୍କୁଲର ବିଜ୍ଞାନ ଶିକ୍ଷକ ସୁମନ କୁମାର ସାହୁ, ଶିକ୍ଷକ ଦୁର୍ଗା ପ୍ରସାଦ ଶତପଥୀ, ଆରଏନ୍ ସ୍କୁଲର ବିଜ୍ଞାନ ଶିକ୍ଷକ ରୋହିତ କୁମାର ବେହେରା ଉପସ୍ଥିତ ରହି ତଦାରଖ କରିଥିଲେ। ଏହି ବିଜ୍ଞାନ ମେଳା ସହିତ ଚିତ୍ରକଳା ଓ ହସ୍ତକଳା ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ପ୍ରତିଷ୍ଠାତା ପ୍ରଦୀପ କୁମାର ମିଶ୍ର, ବଳଦେବ ମହାନ୍ତି, ଦିବ୍ୟ ରଞ୍ଜନ ସାହୁ, ରୋହିତ କୁମାର ସାହୁ, ଅକ୍ଷୟ କୁମାର ଦାଶ, ନନ୍ଦିତା ସେନ, ରଞ୍ଜିତା ସରାପ, ଭାନୁ ଛତ୍ରୀ ପ୍ରମୁଖ ଉପସ୍ଥିତ ରହି ଥିବାବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ମାନେ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ବିଜ୍ଞାନ ମେଳା ସହିତ ଚିତ୍ରକଳା ଓ ହସ୍ତକଳାରେ ଅଂଶଗ୍ରହଣ କରି ଥିବା କୃତି ଛାତ୍ରୀଛାତ୍ରଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଜଣାପଡିଛି।



ବିଜ୍ଞାନ ମେଳାରେ ଉପସ୍ଥିତ ଛାତ୍ରୀଛାତ୍ର।

## ସଂକ୍ଷେପରେ

### ନିଶା ନିବାରଣ ସଚେତନତା ସଭା

ପଡିଆବାହାଲ,୧୫।୧୨(ରାଧାମୋହନ ଷଡ଼ଙ୍ଗୀ): ଝୁଝୁମୁରା ବ୍ଲକ କବରାପାଲିଠାରେ ଶୁକ୍ରବାର ପଡିଆବାହାଲ ଜୟଦୁର୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ନିଶା ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଗାଁ ଦାଣ୍ଡ ମନ୍ଦିର ପ୍ରାଙ୍ଗଣରେ ଅଭିନୟ କରି ନିଶା ସେବନରୁ ଦୂରେଇ ରହିବାକୁ ନିବେଦନ କରିଥିଲେ। ସେହିପରି କବରାପାଲି ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ରୀଛାତ୍ରୀ ଅଭିନୟ କରି ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସ ଉପରେ ସଚେତନ କରାଇଥିଲେ। ଅଧ୍ୟକ୍ଷ ଅକ୍ଷୟ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ନୋଡାଲ ଅଫିସର ପ୍ରମୋଦ ନାୟକଙ୍କ ନେତୃତ୍ୱରେ ଗ୍ରନ୍ଥାଗାରିକ ତଥା ଯୋଗ ପ୍ରଶିକ୍ଷକ ରାଜାରାମ ନାୟକ, ଅଧ୍ୟାପିକା ସସ୍ମିତା ବେହେରା ସହଯୋଗ କରିଥିଲେ।

### ଜାତୀୟ ରାଜପଥ ମରାମତି ନ ହେଲେ ଆନ୍ଦୋଳନ

ପଡିଆବାହାଲ,୧୫।୧୨(ରାଧାମୋହନ ଷଡ଼ଙ୍ଗୀ): ସମ୍ବଲପୁର ଜିଲା ଗୌଡ଼ପାଲିଠାରୁ ଜମନକିରା ପର୍ଯ୍ୟନ୍ତ ଜାତୀୟ ରାଜପଥ ୫୩ର ତୁରନ୍ତ ସ୍ଥାୟୀ ମରାମତି କାମ ଆରମ୍ଭ ନ ହେଲେ ଆସନ୍ତା ୨୨ରୁ ଆନ୍ଦୋଳନ କରାଯିବ ବୋଲି କୁଲୁଣ୍ଡି ସଚେତନ ନାଗରିକ କମିଟି ତରଫରୁ ଗୌଡ଼ପାଲି ଫାଣ୍ଡି ଅଧିକାରୀଙ୍କ ଜରିଆରେ ସ୍ମାରକପତ୍ର ଦିଆଯାଇଛି। ଏହାର ନକଲ ଜିଲାପାଳ ସମ୍ବଲପୁର, ଉପଜିଲାପାଳ କୁଚିଣ୍ଡା, ତହସିଲଦାର ଜମନକିରାଙ୍କୁ ପ୍ରଦାନ କରାଯାଇଛି। ନାଗରିକ କମିଟିର ଅଭିଯୋଗକ୍ରମେ ଅଳ୍ପ କେଇମାସ ମଧ୍ୟରେ ଏହି ରାଜପଥରେ ଛୋଟ ବଡ଼ ଅନେକ ଗର୍ତ୍ତ ସୃଷ୍ଟି ହୋଇଛି। ଏପରି କି ସ୍ଥାନେ ସ୍ଥାନେ ଦୁଇଫୁଟର ଗର୍ତ୍ତ ହୋଇଥିବାରୁ ଦୁଇଚକିଆ ଯାନ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅସ୍ଥାୟୀ ମରାମତି କେବଳ ଠିକାଦାର ପୋଷା ନୀତିରେ ପରିଣତ ହୋଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇ କୌଣସି ସୁଫଳ ନ ମିଳିବାରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି।

### ଲୋକ ମହୋତ୍ସବ ଷ୍ଟଲ୍ ଉପସମିତି ବୈଠକ

ସମ୍ବଲପୁର,୧୫।୧୨ (ଭବାନୀ ଶଙ୍କର ଭୋଇ)

ଲୋକ ମହୋତ୍ସବ ଆୟୋଜନ ନେଇ ସମ୍ବଲପୁରରେ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଷ୍ଟଲ ଉପସମିତିର ବୈଠକ ଶୁକ୍ରବାର ଆବାହକ ପରଭେଜ ଅଲି ଖାନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ଲୋକ ମହୋତ୍ସବ ମୁଖ୍ୟ ସଂଯୋଜକ ଭୋଳା ଶଙ୍କର ମହନ୍ତମ, ସହ ସଂଯୋଜକ ଅନୁପ ତରିଆ ଓ ମିଡ଼ିଆ ସଂଯୋଜକ ସୁକାନ୍ତ କର ଯୋଗ ଦେଇଥିଲେ। ଷ୍ଟଲ ଉପସମିତିର ନୋଡାଲ ଅଧିକାରୀ ଓରମାସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମନ୍ତ ହୋତା ଓ ଜୀବିକା ମିଶନ ଡିପିଏମ୍ ଡ. ପୁଷ୍ପଶ୍ରୀ ନାୟକ ଉପସ୍ଥିତ ଥିଲେ। ଚଳିତବର୍ଷ ଲୋକ ମହୋତ୍ସବରେ ୨ ଶହରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ପ୍ରାୟ ୧୦ଟି ପ୍ରିମିୟମ ଷ୍ଟଲ ରହିବ। ଷ୍ଟଲ ଅଞ୍ଚଳରେ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱାରୋପ କରାଯାଇଥିଲା। ଷ୍ଟଲଗୁଡିକ ୫ଦିନ ପାଇଁ ସାମଗ୍ରୀ ପ୍ରଦର୍ଶନ କରିବେ। କମିଟି ସଭ୍ୟ ଅମିତ ଶର୍ମା, ନରେଶ ମିଶ୍ର, ଅନୁଜ ଜେନା, ସିନ୍ଧୁ ସାହୁ, ନୀଳମାଧବ ନାଏକ, ପ୍ରକାଶ ଦାଶ, ଏମ୍‌ଡି ସରଫରାଜ, ଅକ୍ଷୟ ଦୁରିଆ, ହମିଦ ରେହେମାନ ଓ ସୋନୁ ସର ପ୍ରମୁଖ ଉପସ୍ଥିତ ଥିଲେ।

# ଭାଗବତଙ୍କୁ ଭାବାର୍ପଣ ସମାରୋହ

ସମ୍ବଲପୁର,୧୫।୧୨ (ଭବାନୀ ଶଙ୍କର ଭୋଇ)



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତି।

ପ୍ରଖ୍ୟାତ ସାମାଜିକ କର୍ମୀ ତଥା ପ୍ରବୀଣ ସାମ୍ବାଦିକ ସ୍ୱର୍ଗତ ଭାଗବତ ପ୍ରସାଦ ନନ୍ଦଙ୍କ ୮୭ତମ ଜୟନ୍ତୀରେ ଭାଗବତଙ୍କୁ ଭାବାର୍ପଣ ସମାରୋହ ଗୁରୁବାର ଓଡ଼ିଶା ସାଂସ୍କୃତିକ ସମାଜ ସ୍ୱାଧୀନତା ସଂଗ୍ରାମୀ ହଲରେ ଆୟୋଜିତ ହୋଇଯାଇଛି। ଭାଗବତ ନନ୍ଦ ସ୍ମୃତି କମିଟି, ସମ୍ବଲପୁର ଆନୁକୂଲ୍ୟରେ ଆୟୋଜିତ ସଭାରେ ଓଡ଼ିଶା ମାନବ ଅଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭାଗବତ ନନ୍ଦ ସାରା ଜୀବନ ସାଧାରଣ ମଣିଷର ଅଧିକାର ପାଇଁ ସଂଗ୍ରାମ କରିଥିଲେ। ନିଜର ଭୁଲକୁ ସ୍ୱୀକାର କରିବା ଭଳି ଗୁଣ ଯୋଗୁ ସେ ବିବାଦର ଦୂରରେ ରହି ସମାଜର ମାର୍ଗଦର୍ଶକ ଭାବେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଥିଲେ ବୋଲି କହିଥିଲେ। ଅବସରପ୍ରାପ୍ତ ଆୟକର ଆୟୁକ୍ତ ଓ ସ୍ତମ୍ଭକାର ଶ୍ରୀକାନ୍ତ ଚାଟାର୍ଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ଭାଗବତ ନନ୍ଦଙ୍କ ସମାଜ ସେବା ତଥା ସାମ୍ବାଦିକ ଜୀବନ ଉପରେ ଆଲୋକପାତ କରିବା ସହ ଉଦାରବାଦୀ ଗଣତନ୍ତ୍ରର ବାର୍ତ୍ତାବହ ଥିଲେ। ପଶ୍ଚିମାଞ୍ଚଳ ଅଧିକାରଠାରୁ ଆରମ୍ଭ କରି ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ଭଳି ସବୁ ଜନଦାବି ପାଇଁ ଚାଲିଥିବା ଲଢେଇରେ ସେ ସାମିଲ ହୋଇ ସାଧାରଣ ଲୋକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ କହିଥିଲେ। ପୂର୍ବତନ ସମ୍ବଲପୁର ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଜୟନ୍ତୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବରଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନିଷ୍ଠା'କୁ ଭାଗବତ ନନ୍ଦ ସେବା ସମ୍ମାନ ଓ ବରିଷ୍ଠ ଖବରଦାତା ପ୍ରିୟରଞ୍ଜନ ସାହୁଙ୍କୁ ଭାଗବତ ନନ୍ଦ ସାମ୍ବାଦିକତା ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ଗୌରୀଦାସ ପଧାନ ସଂଯୋଜନା କରିଥିବାବେଳେ ଆଦିତି ମହାପାତ୍ର ଓ ବିପ୍‌ସା ନନ୍ଦ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶେଷରେ ସୁଧୀର ପୂଜାରୀ ଧନ୍ୟବାଦ ଦେଇଥିଲେ।

# ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ରେଢାଖୋଲ,୧୫।୧୨(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ସହର ରାଣିଅନ୍ନପୂର୍ଣ୍ଣା ସରକାରୀ ବାଳିକା ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ବ୍ଲକସ୍ତରୀୟ ଶିଶୁମେଳାରେ ଛାତ୍ରୀଛାତ୍ର ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଓଷ୍ଟା ପକ୍ଷରୁ ଆୟୋଜିତ ଶିଶୁମେଳାର ଉଦ୍‌ଘାଟନୀ ସଭାରେ ଜିଲା କାର୍ଯ୍ୟକାରୀ ସଭାପତି ଶତ୍ରୁଘ୍ନ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ମୁଖ୍ୟଅତିଥି, ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରତାପଲାଲ ପ୍ରଧାନ ମୁଖ୍ୟବକ୍ତା ଓ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ନାଏକ, ଗୌରଚନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ବେଣୁଧର ବେରିହା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର, ଓଷ୍ଟାର ବ୍ଲକ ସମ୍ପାଦକ ବିଜୟାନନ୍ଦ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରେଢାଖୋଲ ବ୍ଲକର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ତର୍କ, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ଗଳ୍ପଲିଖନ, କବିତା ରଚନା, ଏକକ ଅଭିନୟ ଆଦି ପ୍ରତଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲାସ୍ତରୀୟ ଶିଶୁମେଳାରେ ଅଂଶଗ୍ରହଣ କରିବେ। ଉଦଯାପନି ସମାରୋହରେ ଭରତାପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ବେହେରା, ଶିକ୍ଷକ ପବିତ୍ର ମୋହନ ବିଶ୍ୱାଳ ଓ ସିଆର୍‌ସିସି ଅନୀଲ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଈଶ୍ୱରଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବ୍ୟବସାୟିକ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ କମ୍ପାନୀ ଅଧିକାରୀ ଓ ବ୍ୟବସାୟିକ ସହଯୋଗୀମାନେ।

ସମ୍ବଲପୁର,୧୫।୧୨(ବି.ଶଙ୍କର)

ପଶ୍ଚିମ ଓଡିଶାର ବିଦ୍ୟୁତ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ସମ୍ବଲପୁରସ୍ଥିତ ଗ୍ରୀନ ପାର୍କଠାରେ ବ୍ୟବସାୟିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ଓ ଏହାର ବ୍ୟବସାୟିକ ସହଯୋଗୀମାନଙ୍କ ମଧ୍ୟରେ ସୁସମ୍ପର୍କ ଲକ୍ଷ୍ୟ ନେଇ ସମ୍ମିଳନୀ ଆୟୋଜିତ ହୋଇଥିଲା। କମ୍ପାନୀର କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ ଗଜାନନ କାଲେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅପରେଶନ ବିଭାଗର ମୁଖ୍ୟ, ବ୍ୟବସାୟିକ ବିଭାଗୀୟ ମୁଖ୍ୟ, କଣ୍ଟ୍ରାକ୍ଟ ଓ ଷ୍ଟୋର ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ। ଏଥିରେ ପ୍ରାୟ ୭୦ ବ୍ୟବସାୟିକ ସହଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନେ ମିଟରିଂ, ବିଲ କଲେକ୍‌ସନ, ମିଟର ମ୍ୟାନେଜମେଣ୍ଟ, ରିକଭରି, ଏନଫୋର୍ସମେଣ୍ଟ ଓ ମିଟର ଇନଷ୍ଟଲେସନ ଭଳି ବ୍ୟବସାୟିକ କାର୍ଯ୍ୟ କରୁଛନ୍ତି। ପଶ୍ଚିମ ଓଡିଶାବାସୀଙ୍କୁ ତ୍ରୁଟିମୁକ୍ତ ବିଦ୍ୟୁତ ସେବା ଯୋଗାଇଦେବା ପାଇଁ କମ୍ପାନୀ ତାର ବ୍ୟବସାୟିକ ସହଯୋଗୀମାନଙ୍କୁ ପ୍ରାୟ ୨୪୬ କୋଟି ଟଙ୍କା ଅର୍ଡର ପ୍ରଦାନ କରିଛି। ଏହାଦ୍ୱାରା ପଶ୍ଚିମ ଓଡିଶାର ପ୍ରାୟ ୫୦୦୦ ବ୍ୟକ୍ତିଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି । ସେମାନଙ୍କ ଅଭିଯୋଗ ବାବଦରେ ଏକ ମୁକ୍ତ ଆଲୋଚନା ଲାଗି ସୁଯୋଗ ଦିଆଯାଇଥିବାରୁ ବ୍ୟବସାୟିକ ସହଯୋଗୀମାନେ ଖୁସି ବ୍ୟକ୍ତ କରିଥିଲେ।

### କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଛାଡ଼ ପ୍ରସ୍ତାବ ନେଇ ରାଜ୍ୟ ସରକାରଙ୍କୁ କୃତଜ୍ଞତା

ସମ୍ବଲପୁର,୧୫।୧୨ (ଭବାନୀ ଶଙ୍କର ଭୋଇ) ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ବିଭିନ୍ନ ରାଜନୈତିକ ପ୍ରସ୍ତାବ ମଧ୍ୟରେ କେନ୍ଦୁପତ୍ର ତୋଳାଳିଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି କେନ୍ଦ୍ର ସରକାରଙ୍କୁ କେନ୍ଦୁପତ୍ର ଉପରେ ଜିଏସ୍‌ଟି ଛାଡ଼ ସମ୍ବନ୍ଧୀୟ ପ୍ରସ୍ତାବ କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଛି। ଏହାକୁ ନେଇ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଂଗଠନ ସମ୍ପାଦକ ତଥା କେନ୍ଦୁଲିଭ୍ ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ବିଜେଡ଼ି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଛାଡ ପାଇଁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ କେନ୍ଦ୍ର ସରକାରଙ୍କ ପାଖରେ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। ଏହି ପ୍ରସ୍ତାବକୁ ରାଜ୍ୟ ସରକାର ସମର୍ଥନ କରି କେନ୍ଦ୍ର ସରକାରଙ୍କୁ ଚିଠି କରିଛନ୍ତି। ସଂଘର ଏହି ଦାବି ପୂରଣ ହେଲେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ ଉପକୃତ ହେବେ ବୋଲି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ କୁହାଯାଇଛି।

### ଶତାୟୁ ମହିଳାଙ୍କ ପରଲୋକ

ସମ୍ବଲପୁର,୧୫।୧୨(ପ୍ରମୋଦ ବହିଦାର): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାରଭାଟିର ଶତାୟୁ ମହିଳା ଦମ୍ପାବତୀ ବେହେରାଙ୍କ ପରଲୋକ ଘଟିଛି। ସେ ଦୀର୍ଘ ଦିନରୁ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କୁ ୧୦୦ ବର୍ଷ ହୋଇଥିଲା। ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ, ପରୋପକାରୀ ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ତାଙ୍କ ପଛରେ ଦୁଇପୁତ୍ର, ଦୁଇ ପୁତ୍ରବଧୂ, ଦୁଇଝିଅ, ନାତିନାତୁଣୀ, ଅଣନାତୁଣୀଙ୍କୁ ଛାଡ଼ିଯାଇଛନ୍ତି। ସ୍ଥାନୀୟ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଅତିଥିଙ୍କ ସହକୃତୀ ପ୍ରତିଯୋଗୀମାନେ।

ଜମନକିରା,୧୫।୧୨(ରବୀନ୍ଦ୍ର ପ୍ରସାଦ ଦାନି):

ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଷଣ୍ଢପଥର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳପଡିଆଠାରେ ନୂଆ-ଓ ଅନ୍ତର୍ଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଜ୍ୟୋତିର୍ମୟୀ ଜ୍ୟୋତ୍ସ୍ନା ଦାଶ ଅଧକ୍ଷତା କରିଥିଲେ। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ ମୁଖ୍ୟଅତିଥି, କୁଚିଣ୍ଡା ସହକାରୀ ଜିଲା ଅଧିକାରୀ ଅନିଭା ନାୟକ ମୁଖ୍ୟବକ୍ତା ଓ କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାୟକ, ଜିଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲ, ଜିଲା ସହକାରୀ ମଙ୍ଗଳ ଅଧିକାରୀ ସୁବାସ ସାହୁ, ଅର୍ଡାବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ରଞ୍ଜନ କୁମାର ନାଏକ, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜମି ପ୍ରଦାନ କରିଥିବା କୃଷ୍ଣଚନ୍ଦ୍ର ଭୋଇ, ସରୋଜିନୀ ପଧାନ, ମଥୁରା ଦେହୁରି, ରାମ ପ୍ରସାଦ ଝଙ୍କାର, ବୈଶାଳୀ କାଲୋ, ଗୁଣନିଧି ଭୋଇ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ସହକାରୀ ଅଧ୍ୟାପିକା ସଂଯୁକ୍ତା ମୁଦୁଲି ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଅର୍ପିତା ରାୟ ସହଯୋଗ କରିଥିଲେ।

# କୁସୁମଡିହି ଗ୍ରାମରେ ମକ୍‌ଡ୍ରିଲ୍

ସମ୍ବଲପୁର,୧୫।୧୨(ପ୍ରମୋଦ ବହିଦାର): ଭାରତୀୟ ତୈଳ ନିଗମ, ଏସ୍‌ଇଆର ପିଏଲ୍ ପାଇପ୍ ଲାଇନ ଡିଭିଜନ, ସମ୍ବଲପୁର ଦ୍ୱାରା ରେଙ୍ଗାଲି ବ୍ଲକ କତରବଗା ଅନ୍ତର୍ଗତ କୁସୁମଡିହୀ ଗ୍ରାମରେ ଏକ ଜରୁରିକାଳୀନ ଅଫ୍‌ସାଇଡ୍ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ମକ୍‌ଡ୍ରିଲ୍‌ରେ ଦୁର୍ବୃତ୍ତଙ୍କ ଦ୍ୱାରା ଭୂତଳ ପାଇପ୍ ଲାଇନ୍‌ରେ ଲିକେଜ୍‌ର ଏକ ଜରୁରୀ ପରିସ୍ଥିତି ସୃଷ୍ଟି କରାଯାଇଥିଲା। ନିୟୋଜିତ ସୁରକ୍ଷାକର୍ମୀଙ୍କଠାରୁ ଏହି ସୂଚନା ପାଇ ଆଇଓସିଏଲ୍ ସମ୍ବଲପୁର କାର୍ଯ୍ୟାଳୟର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ଲିକେଜକୁ ନିୟନ୍ତ୍ରଣ କରିଥିଲେ। ମକ୍‌ଡ୍ରିଲ୍ ସମୟରେ ଉକ୍ତ ସ୍ଥାନରେ ଏକ ମକ୍‌ଫାୟାର ମଧ୍ୟ କରାଯାଇ ଏହାକୁ ଅଗ୍ନିନିର୍ବାପକ ମାଧ୍ୟମରେ ନିର୍ବାପିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ, ଅଗ୍ନିଶମ ବିଭାଗ, ଜିଲା ଅରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ବିଭାଗର କାର୍ମଚାରୀ ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ର, କର୍ମଚାରୀ ଓ ମକଡ୍ରିଲ ଦୃଶ୍ୟ ଉପଭୋଗ କରୁଥିବା ଗ୍ରାମବାସୀଙ୍କୁ ନେଇ ଏକ ସଂକ୍ଷିପ୍ତ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ କୁସୁମଡିହୀ ଗ୍ରାମରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ। ସମ୍ବଲପୁର ଡିଭିଜନର ଫ୍ୟାକ୍ଟ୍ରି ଓ ବଏଲର ଉପନିର୍ଦ୍ଦେଶକ ସ୍ୱରୂପ ଜେନା, ସହକାରୀ କାରଖାନା ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ ଓ ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମକଡ୍ରିଲ୍ ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ।

# ଜିଏମ୍‌ୟୁରେ ଚନ୍ଦ୍ରଶେଖର ବେହେରା ଆଲୋଚନାଚକ୍ର

ସମ୍ବଲପୁର,୧୫।୧୨(ପ୍ରମୋଦ ବହିଦାର):

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡ଼ିଆ ଓ ଇତିହାସ ସ୍ନାତକୋତ୍ତର ବିଭାଗର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଜନନାୟକ ଚନ୍ଦ୍ର ଶେଖର ବେହେରାଙ୍କ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର ବେହେରା ସ୍ମୃତି କମିଟି ଆବାହକ ରାମାନୁଜ ପଣ୍ଡା ଚନ୍ଦ୍ରଶେଖରଙ୍କ ଐତିହାସିକ ଜୟଯାତ୍ରା ଓ ଗାନ୍ଧିବାଦୀ ଚିନ୍ତନ ଉପରେ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି ଅଶୋକ କୁମାର ମିଶ୍ର ଓ ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ ଐତିହାସିକ ଜୟଯାତ୍ରାରେ ଚନ୍ଦ୍ରଶେଖରଙ୍କ ଭୂମିକାକୁ ସ୍ମରଣ କରିଥିଲେ। ଆଲାଚନାଚକ୍ରକୁ ଓଡ଼ିଆ ବିଭାଗୀୟ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ବେହେରା ସଂଯୋଜନା କରିଥିଲେ। ଏଥିରେ ଓଡ଼ିଆ ଓ ଇତିହାସ ବିଭାଗର ସମସ୍ତ ଛାତ୍ରୀଛାତ୍ର, ଗବେଷକ, ଗବେଷିକା ଓ ଅଧ୍ୟାପକ, ଅଧ୍ୟାପିକା ଯୋଗ ଦେଇଥିଲେ। ଏହି ଅବସରରେ ଜୟନ୍ତୀ କମିଟିର ଆବାହକ ପଣ୍ଡା ଉଭୟ ଓଡ଼ିଆ ଓ ଇତିହାସ ବିଭାଗର ପାଠଗାରକୁ ଚନ୍ଦ୍ରଶେଖରଙ୍କ ଜୀବନୀ ପୁସ୍ତକ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଶ୍ରୀବନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୭ରେ ପ୍ରଭୁ ଶ୍ରୀରାମ ଓ ମାତା ସୀତାଙ୍କ ବିବାହ ମହୋତ୍ସବ

ସମ୍ବଲପୁର,୧୫।୧୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବୁଢ଼ାହିଲ ରାମ ମନ୍ଦିରରେ ପ୍ରଭୁ ରାମ ଓ ମାତା ସୀତାଙ୍କ ବିବାହ ମହୋତ୍ସବ ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଦୀର୍ଘ ୨୭ବର୍ଷ ହେବ ଏହି ଉତ୍ସବ ହୋଇଆସୁଛି। ଶନିବାର ସନ୍ଧ୍ୟା ୫ଟାରେ ଶ୍ରୀ ରାମ ଓ ମାତା ସୀତାଙ୍କ ନିର୍ବନ୍ଧ ଅନୁଷ୍ଠିତ ହେବ। ରବିବାର ମାର୍ଗଶିର ଶୁକ୍ଳପକ୍ଷ ପଞ୍ଚମୀ ଦିନ ସକାଳ ୯ଟାରେ ବୁଢ଼ାହିଲ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପ୍ରଭୁ ଶ୍ରୀ ରାମ ଓ ମାତା ସୀତାଙ୍କ ବିବାହ ଅନୁଷ୍ଠିତ ହେବ। ସାକ୍ଷୀପଡାର ବାଣୀ ବେହେରା ଓ ରାଜେଶ ବେହେରା ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ମାତାପିତା ଏବଂ ଭାଗ୍ୟଲକ୍ଷ୍ମୀ ସରାଫ ଓ ଦେବେନ୍ଦ୍ର ନାଥ ସରାଫ ମାତା ସୀତାଙ୍କ ମାତାପିତା ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମକୁ ଆଡମ୍ବର ସହ ଆୟୋଜନ କରିବା ଓ ଭକ୍ତମାନଙ୍କ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ମନ୍ଦିର କମିଟି ସମ୍ପାଦକ ରାଜୀବ ଶତପଥୀ ଜଣାଇଛନ୍ତି । ପ୍ରସ୍ତୁତି ଆଲୋଚନାରେ କମିଟୀର ଦୁର୍ଗାମାଧବ ମିଶ୍ର, ସହସମ୍ପାଦକ ସଞ୍ଜିବ ପାଢୀ, ଅନନ୍ତ ମହାନ୍ତୀ, କ୍ଷୀରୋଦ ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

# ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁମେଳା



ସମାରୋହରେ ମଞ୍ଚାସୀନ ଅତିଥିମାନେ।

ନାକଟିଦେଉଳ,୧୫।୧୨(ବୈକୁଣ୍ଠ ନାଥ ସାହୁ)

ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଙ୍ଗଠନ (ଓଷ୍ଟା) ପକ୍ଷରୁ ଶୁକ୍ରବାର ନାକଟିଦେଉଳ ବ୍ଲକସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥପ୍ରସାଦ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ସହକାରୀ ଶିକ୍ଷକ ନିତ୍ୟାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ୧୭ ଉଚ୍ଚବିଦ୍ୟାଳୟର ୧୨୬ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଓଷ୍ଟାର ବ୍ଲକ ସଭାପତି ତଥା କିସିଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ସମାରୋହ ହୋଇଥିଲା। ଏଥିରେ ବିଇଓ ବିଜୟ କୁମାର ପାତ୍ର ମୁଖ୍ୟଅତିଥି, ସମ୍ବଲପୁର ଓଷ୍ଟାର ଉପସଭାପତି କ୍ଷୀରୋଦ କୁମାର ପଣ୍ଡା, ବ୍ଲକ ସମ୍ପାଦକ ସାହେବୀ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ରାଜେନ୍ଦ୍ର ବିଶି, ପବିତ୍ର ମୋହନ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୀରାଲାଲ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଓଷ୍ଟା ସର୍ବସମ୍ମୁଖକୁ ଆଣିବା ଦିଗରେ ପ୍ରୟାସ ଜାରି ରଖିଛି ବୋଲି ପ୍ରକାଶ କରିଥିଲେ। ଶେଷରେ କୁଞ୍ଜାମୁରା ସାଲେଇଡିପ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଜିନତରାଣୀ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ଶ୍ରମିକ ଉଚ୍ଛେଦ ସଚେତନତା ବୈଠକ

ସମ୍ବଲପୁର,୧୫।୧୨(ପ୍ରମୋଦ ବହିଦାର):



ସଚେତନତା ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ସମ୍ବଲପୁର ମହାନଗର ନିଗମ ଓ ଏଡ୍‌ଏଟ୍ ଆକ୍ସନର ମିଳିତ ଆନୁକୂଲ୍ୟରେ ଶିଶୁ ଶ୍ରମିକ ଉଚ୍ଛେଦ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାନଗର ନିଗମ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ମହାନଗର ନିଗମ ଯୁଗ୍ମ କମିଶନର ଶଙ୍କର ପ୍ରସାଦ ସାହୁ ଯୋଗଦେଇଥିଲେ। ପ୍ରାରମ୍ଭରେ ସହକାରୀ କମିଶନର ଅଶୋକ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଡଏଟ୍ ଆକ୍ସନର କାର୍ଯ୍ୟକ୍ରମ ପ୍ରବନ୍ଧକ ସରୋଜ ବାରିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ଶିଶୁ ଶ୍ରମିକ ଆଇନ ଉପରେ ଆଲୋକପାତ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକରୀ ସୁଚିସ୍ମିତା ପଟ୍ଟାନାୟକ ଶିଶୁ ଶ୍ରମିକଙ୍କ ଥଇଥାନ ପାଇଁ ରହିଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ହୋଟେଲ ସଂଘ ଆଦିର ସଭ୍ୟମାନେ ଯୋଗଦେଇଥିଲେ। ସମ୍ବଲପୁର, ଧନକଉଡ଼ା ଓ ମାନେଶ୍ୱରର ସିଡିପିଓମାନଙ୍କ ସହିତ ସୁପରଭାଇଜର ଉପସ୍ଥିତ ଥିଲେ। ଏଡ୍‌ଏଟ୍ ଆକ୍ସନର ବରିଷ୍ଠ କାର୍ଯ୍ୟକ୍ରମ ପ୍ରବନ୍ଧକ ଜ୍ୟୋତି ପ୍ରକାଶ ବ୍ରହ୍ମା ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ରହିଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ମିନୁ ଭୋଇ ପରିଚାଳନା କରିଥିବା ବେଳେ ଏଡ୍‌ଏଟ୍ ଆକ୍ସନର ଜିଲା ସଂଯୋଜିକା ସୁନିତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

